ବର୍ଷ-୨୫, ସଂଖ୍ୟା-୧୨୦
ଭୁବନେଶ୍ୱର
୦୩, ମଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 120
Bhubaneswar
03,May, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଅବନୀତଙ୍କ ଫଟୋକୁ ଲାଇକ୍ କଲେ କୋହଲି

## ବାୟୁସେନାର ସମରାଭ୍ୟାସ

ନୂଆଦିଲ୍ଲୀ, ୨।୫(ମହାଭାରତ): ପହଲଗାଓଁ ଆକ୍ରମଣ ପରେ ଭାରତ ପାକିସ୍ତାନ ସୀମାରେ ଉତ୍ତେଜନା ଲାଗିରହିଥିବାବେଳେ ପାକିସ୍ତାନକୁ ଭାରତର ଆକ୍ରମଣ ଭୟ ଘାରିଛି। ଆରବ ସାଗରରେ ଭାରତୀୟ ଯୁଦ୍ଧ ଜାହଜ ଆଇଏନଏସ ବିକ୍ରାନ୍ତ ଯୁଦ୍ଧାଭ୍ୟାସ ଚଳାଇଥିବାବେଳେ ଶୁକ୍ରବାର ବାୟୁସେନା ଏହାର ସମରାଭ୍ୟାସ କରିଛି। ବାୟୁସେନାର ପ୍ରମୁଖ ଲଢୁଆ ବିମାନ ମିରାଜ, ରାଫେଲ, ସୁଖୋଇ ଏବଂ ଜାଗୁଆର ନିଜର ଦମ୍ ଦେଖାଇଛନ୍ତି। ଉତ୍ତରପ୍ରଦେଶର ଗଙ୍ଗା ଏକ୍ସପ୍ରେସୱେରେ ତିଆରି ହୋଇଥିବା ବିମାନ ଘାଟିରେ ଯୁଦ୍ଧ ବିମାନ ଅବତରଣ କରିବାର ଅଭ୍ୟାସ କରିଛନ୍ତି। ଯୁଦ୍ଧ ବିମାନଗୁଡ଼ିକ ସୀମାରେ ପଇଁତରା ମାରିବା ପରେ ସେଠାରୁ ଫେରି ୩.୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଗଙ୍ଗା ଏକ୍ସପ୍ରେସୱେରେ ଅବତରଣ କରିବା ସହିତ ଉଡ଼ାଣ କରିବାର ଅଭ୍ୟାସ କରିଥିଲେ। ଆରବ ସାଗରରେ ଭାରତୀୟ ନୌସେନା ଏବଂ ସୀମାନ୍ତରେ ବାୟୁସେନାର ଅଭ୍ୟାସ ପାକିସ୍ତାନକୁ ଛାନିଆ କରିଛି।

# ମାଟ୍ରିକ୍ ପାସ୍ ହାର ୯୪.୯୩%

ଭୁବନେଶ୍ୱର, ୨।୫(ମହାଭାରତ):ପ୍ରକାଶ ପାଇଲା ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ। ରାଜ୍ୟରେ ଚଳିତ ବର୍ଷ ୫ ଲକ୍ଷ ୨ ହଜାର ୪୧୭ ଜଣ ରେଗୁଲାର୍ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୪ ଲକ୍ଷ ୮୪ ହଜାର ୮୬୩ ଜଣ ପାସ୍ ହୋଇଛନ୍ତି । ଚଳିତଥର ପାସ୍ ହାର ୯୪.୯୩ % ରହିଛି । ସେହିପରି ଛାତ୍ରଙ୍କ ପାସ୍ ହାର ୯୪ % ଥିବାବେଳେ ଛାତ୍ରୀଙ୍କ ପାସ୍ ହାର ୯୬ % ରହିଛି । ଚଳିତ ବର୍ଷ ଛାତ୍ରଙ୍କୁ ପଛରେ ପକାଇ ବାଜି ମାରିଛନ୍ତି

### ଛାତ୍ରଙ୍କୁ ଟପିଲେ ଛାତ୍ରୀ

ଛାତ୍ରୀ । ତେବେ କୌଣସି ସ୍କୁଲରେ ପରୀକ୍ଷା ଫଳ ଶୂନ ନାହିଁ । ରାଜ୍ୟର ୩୨୭୩ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି।

ଚଳିତବର୍ଷ ରେଗୁଲାରରେ ୫ଲକ୍ଷ ୧୦ ହଜାର ୭୭୯ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୫ ଲକ୍ଷ ୨ ହଜାର ୪୧୭ ଜଣ ରେଗୁଲାର୍ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୪ ଲକ୍ଷ ୮୪ ହଜାର ୮୬୩ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ୨ ଲକ୍ଷ ୪୦ ହଜାର ୨୫୧ ଜଣ ଛାତ୍ର ପାସ୍ ହୋଇଥିବା ବେଳେ ୨ ଲକ୍ଷ ୪୪ ହଜାର ୬୧୨ ଜଣ ଛାତ୍ରୀ ପାସ୍ କରିଛନ୍ତି। ଏଥିରେ ଏ୧ ଗ୍ରେଡ୍ ରେ ୧୮୧୨, ଏ୨ ଗ୍ରେଡ୍ ରେ ୧୨,୨୦୦ , ବି୧ ଗ୍ରେଡ୍ ରେ ୩୮, ୮୩୧ ଜଣ, ବି୨ ଗ୍ରେଡ୍ ରେ ୮୪ ହଜାର ୯୭୧ ଜଣ, ସି ଗ୍ରେଡ୍ ରେ ୧ ଲକ୍ଷ ୩୩ ହଜାର ୮୮୨ ଜଣ ପାସ୍, ଡି ଗ୍ରେଡ୍ ରେ ୧ ଲକ୍ଷ ୪୬ ହଜାର ୧୫୪ ଜଣ, ଇ ଗ୍ରେଡ୍ ରେ ୬୭୦୧୩ ରେ ହୋଇଛନ୍ତି । ସେହିପରି ମଧ୍ୟମାରେ ୨୯୧୭ ଜଣ ପରୀକ୍ଷା ଦେଇଥିବା ବେଳେ ୨୮୬୮ ଜଣ ପାସ୍ କରିଛନ୍ତି । ମଧ୍ୟମାରେ ପାସ୍ ହାର ରହିଛି ୮୫.୭୯ % । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ



ସାର୍ଟିଫିକେଟ୍ ପରୀକ୍ଷା ରେ ୫୫୯୧ ଜଣ ପରୀକ୍ଷା ଦେଇଥିବା ବେଳେ ୪୧୮୧ ଜଣ ପାସ୍ କରିଛନ୍ତି । ପାସ୍ ହାର ୭୪.୭୮ % ରହିଛି ।

ଗଜପତି ଜିଲ୍ଲାରେ ସର୍ବାଧିକ ୯୯.୩୫ ପ୍ରତିଶତ ପାସ୍ ହାର ରହିଥିବା ବେଳେ କୋରାପୁଟରେ ସର୍ବନିମ୍ନ ୯୨.୮୩ ପ୍ରତିଶତ ପାସ୍ ହାର ରହିଛି। ସେହିଭଳି କଟକରେ ପାସ୍ ହାର ରହିଛି ୯୭.୬୮%। ଜଗତସିଂହପୁରରେ ୯୭.୦୯%, ଯାଜପୁରରେ ୯୫.୦୪%, କେନ୍ଦ୍ରାପଡାରେ ୯୬.୪୧%, ରାୟଗଡାରେ ୯୭.୩୩ %, ମାଲକାନଗିରିରେ ୯୬.୪୧ %, ନବରଙ୍ଗପୁରରେ ୯୫.୧୭ % ଛାତ୍ରଛାତ୍ରୀ ପାସ୍ କରିଛନ୍ତପି। ସେହିଭଳି, ଅନଗୁଳରେ ୯୫.୮୮ %, ଢେଙ୍କାନାଳରେ ୯୩.୭୧%, ପୁରୀରେ ୯୭.୧୭ %, ଖୋର୍ଦ୍ଧାରେ ୯୭.୩୧ %, ନୟାଗଡ଼ରେ ୯୬.୯୧ %, ବାଲେଶ୍ୱରରେ ୯୭.୫୬ %, ଭଦ୍ରକରେ ୯୫.୬୭%, କେନ୍ଦୁଝରରେ ୯୪.୩୦ %, ମୟୂରଭଞ୍ଜରେ ୯୬.୯୯% ପାସ୍ ହାର ରହିଛି। ଗଞ୍ଜାମରେ ୯୮.୧୦%, ବୌଦ୍ଧରେ ୯୭.୪୧ %, କନ୍ଧମାଳରେ ୯୭.୪୫ %, କଳାହାଣ୍ଡିରେ ୯୫.୨୨ %, ନୂଆପଡାରେ ୯୭.୦୫%, ବରଗଡ଼ରେ ୯୭.୦୯ %, ସମ୍ବଲପୁରରେ ୯୭.୨୬%, ଦେବଗଡ଼ରେ ୯୬.୧୭ % ଛାତ୍ରଛାତ୍ରୀ ପାସ୍ କରିଛନ୍ତି । ଝାରସୁଗୁଡାରେ ୯୭.୮୭ %, ବଲାଙ୍ଗୀରରେ ୯୫.୪୮ %, ସୋନପୁରରେ ୯୬.୨୨%, ସୁନ୍ଦରଗଡ଼ରେ ୯୭.୬୧% ପାସ୍ ହାର ରହିଛି । ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ବିଏସଇ□ଓଡ଼ିଶା.ଏସିଇନରେ ପରୀକ୍ଷାର୍ଥୀଙ୍କ ରେଜଲ୍ଟ ଦେଖିହେବ । ଇଂଟରନେଟ୍ ସୁବିଧା ନଥିଲେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ମୋବାଇଲ ଫୋନରେ ମେସେଜ୍ କଲେ ମଧ୍ୟ ପାଇପାରିବେ ରେଜଲ୍ଟ। ଏଥିପାଇଁ ଓଆର୧୦ <ରୋଲ ନଂ> ଲେଖି ୫୬୭୬୭୫୦କୁ ଏସଏମଏସ କଲେ ମୋବାଇଲରେ ରେଜଲ୍ଟ ଦେଖିହେବ। ପରୀକ୍ଷା ଫଳ ସମ୍ବନ୍ଧରେ ଯେକୌଣସି ସମସ୍ୟା ଥିଲେ ୦୬୭୧-୨୪୧୨୦୫୯, ୨୪୧୨୦୬୦ ଏବଂ ୮୭୬୩୦୮୮୮୯୦ ମାଧ୍ୟମରେ ଯୋଗାଯୋଗ କରି ସମାଧାନ ପାଇପାରିବେ । ଏହିସେବା ସକାଳ ୧୦ ଟା ବାଜି ୩୦ ମିନିଟ୍ ରୁ ଅପରାହ୍ଣ ୫ ଟା ଯାଏଁ ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ । ଏହା ମେ ୨ ରୁ ୯ ତାରିଖ ଯାଏଁ ଉପଲବ୍ଧ ରହିବ ।

ଚଳିତ ବର୍ଷ ୭୨ ଘଂଟା ପରେ ୱେବସାଇଟ୍ ଏ ଚ ଟି ପି ପି ଏ ସ : / / ବିଏସଇଡିଜିସାର୍ଟିଫିକେଟ୍.ଓଡ଼ିଶା.ଜିଓଭି.ଇନ୍/ ମାଧ୍ୟମରେ ଡିଜିଟାଲ୍ ମାଟ୍ରିକ୍ ପ୍ରମାଣପତ୍ର ପାଇପାରିବେ ଛାତ୍ରଛାତ୍ରୀ। ମେ' ୫ ରୁ ମେ' ୧୬ ମଧ୍ୟରେ ଛାତ୍ରଛାତ୍ରୀ ରିଚେକିଂ ପାଇଁ ଆବେଦନ କରିପାରିବେ । ଅନଲାଇନ୍ ମାଧ୍ୟମରେ ହାଇସ୍କୁଲ ସାର୍ଟିଫିକେଟ୍ ଛାତ୍ରଛଆତ୍ରୀ ଆବେଦନ କରିପାରିବେ ଏବଂ ଅଫଲାଇନ୍ ଏସଓସିଏସ୍ ଏବଂ ମଧ୍ୟମା ଛାତ୍ରଛାତ୍ରୀ ଆବେଦନ କରିବେ ।

## ଓଡ଼ିଶା ଗସ୍ତରେ ଆସିବେ ଶାହା

ଭୁବନେଶ୍ୱର, ୨।୫(ମହାଭାରତ): ଆସନ୍ତା ୧୦ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା। ଅମିତ ଶାହାଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଆସନ୍ତା ମଇ ୧୦ ତାରିଖରେ ଅମିତ୍ ଶାହା ଭୁବନେଶ୍ୱରରେ ପହଂଚିବେ। ଏହାପରେ ଜଟଣୀ ଯାଇ ଫରେନସିକ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବେ। ସନ୍ଧ୍ୟାରେ ପୁରୀ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ଏବଂ ରାତ୍ରଯାପନ କରିବେ। ଏହା ପର ଦିନ ଅର୍ଥାତ୍ ୧୧ ତାରିଖରେ ସେ ସମ୍ବଲପୁର ଯାଇ ମା ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ କିଛି ପ୍ରକଳ୍ପର ଶିଳାନ୍ୟାସ କରିବେ। ପରେ



ଭୁବନେଶ୍ୱର ଆସି ଜନତା ମୈଦାନରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେଇ ଅଭିଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଏହାରି ଭିତରେ ଶାହା ରାଜ୍ୟର କିଛି ନେତୃବୃନ୍ଦଙ୍କ ସହ ଆଲୋଚନା କରିପାରନ୍ତି। ଶାହାଙ୍କ ଗସ୍ତ ସଫଳ କରିବାକୁ ଶୁକ୍ରବାର ବିଜେପି କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ରାଜ୍ୟ ସଭାପତି, ପ୍ରଭାରୀ, ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ ବସି ଆଲୋଚନା କରିଛନ୍ତି ବୋଲି କହିଛନ୍ତି ମନମୋହନ ସାମଲ।

## ପାରାଦୀପରେ ହେବ ନୂଆ ଏୟାରପୋର୍ଟ

ଭୁବନେନଶ୍ୱର, ୨।୫(ମହାଭାରତ):ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ବିମାନ ଚଳାଚଳ ଏବଂ ନେଟାର୍କ ନିର୍ମାଣ ପରିକଳ୍ପନା ସମ୍ବନ୍ଧରେ ଆଲୋଚନା କରିଛନ୍ତି।

ଏହି ବୈଠକରେ, ପାରାଦୀପରେ ଏକ ଗ୍ରୀନଫିଲ୍ଡ ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ଏବଂ ରାଉରକେଲା ବିମାନ ବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋଟମା, ସତୀଭଟା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦା ରୋଡ୍ ଏବଂ ଉତ୍କେଲା ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦର ଗୁଡ଼ିକର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ରାଜ୍ୟର ୧୫ ଟି ଜିଲ୍ଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶୋଳ ସ୍ଥିତ ଏୟାରଷ୍ଟ୍ରିପରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ରର ବିକାଶ ସମ୍ବନ୍ଧରେ ଏହି ବୈଠକରେ ଆଲୋଚନା ହୋଇଥିଲା ନୋଡାଲ ଏଜେନ୍ସି ଭାବରେ ଏହି ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ୍ ଏବଂ ଡ୍ରୋନ୍ ହବ୍ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ।

## ସରକାରର ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୨।୫(ମହାଭାରତ) ଓଡ଼ିଶାର ବର୍ତ୍ତମାନ ସରକାରର ଏକ ବର୍ଷ ପୂର୍ତ୍ତି ଅବସରକୁ ପାଳନ କରିବା ପାଇଁ ରୋଡମ୍ୟାପ ତିଆରି କରିବା ଉଦ୍ଦେଶ୍ୟରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା। ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।ଶ୍ରୀମତୀ ପାଢ଼ୀ ଏହି ଉତ୍ସବକୁ ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତି ଓ ପ୍ରଭାବଶାଳୀ ଭାବେ ଆୟୋଜନ କରିବା ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସରକାରଙ୍କ ଏକ ବର୍ଷର ସଫଳତା ବିବରଣୀ ଏହି ଅବସରରେ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀମତୀ ପାଢ଼ୀ ବିଭାଗ ଅନୁଯାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ସମସ୍ତ କାର୍ଯ୍ୟକ୍ରମରେ ସର୍ବାଧିକ ଜନସାଧାରଣ ଭାଗୀଦାରୀ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉତ୍ସବ ଏକ ନାଗରିକ କେନ୍ଦ୍ରିକ ଏବଂ ଗଣତାନ୍ତ୍ରିକ ଶାସନର ପ୍ରତିବିମ୍ବ ଭାବେ ଆୟୋଜିତ କରାଯିବ । ବୈଠକରେ ଏକ ସଂପୂର୍ଣ୍ଣ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ତିଆରି କରିବା ଏବଂ ଏହି ଉତ୍ସବର ସଫଳତା ପାଇଁ ସମସ୍ତ ବିଭାଗ ଓ ସହଯୋଗୀଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଆଇପିଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨।୫(ମହାଭାରତ): ରାଜ୍ୟ ସରକାର ବରିଷ୍ଠ ପୁଲିସ କ୍ୟାଡରରେ ନିକଟରେ ହୋଇଥିବା ପୁନର୍ଗଠନରେ ନୂତନ ନିଯୁକ୍ତି କରିଛନ୍ତି।ଏନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଏହି ନିଯୁକ୍ତି କାର୍ଯ୍ୟକାରୀ ହୋଇଛି। ୧୯୯୩ ବ୍ୟାଚ୍‌ର ଆଇପିଏସ୍ ସୁଶାନ୍ତ କୁମାର ନାଥ ଯିଏ କେନ୍ଦ୍ରୀୟ ଡେପୁଟେସନରୁ ପ୍ରତ୍ୟାବର୍ତ୍ତନ ପରେ ଗୃହ ବିଭାଗରେ ଯୋଗ ଦେଇଥିଲେ, ତାଙ୍କୁ କାରାଗାର ଓ ସଂଶୋଧନ ସେବାର ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତ କରାଯାଇଛି। ୧୯୯୮ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ଦୟାଲ ଗଙ୍ଗୱାର, ଯିଏ ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜିପି), ମୁଖ୍ୟାଳୟ ଭାବେ କାର୍ଯ୍ୟ କରୁଥିଲେ, ତାଙ୍କୁ ଅତିରିକ୍ତ ମହାନିର୍ଦ୍ଦେଶକ (କମ୍ୟୁନିକେସନ୍) ଭାବେ ନିଯୁକ୍ତ କରାଯାଇଛି । ସେହିପରି କେନ୍ଦ୍ରୀୟ ଡେପୁଟେସନରୁ ପ୍ରତ୍ୟାବର୍ତ୍ତନ ପରେ ଗୃହ ବିଭାଗରେ ଯୋଗ ଦେଇଥିବା ୨୦୦୦ ବ୍ୟାଚ୍‌ର ଆଇପିଏସ୍ ପ୍ରତୀକ ମହାନ୍ତିଙ୍କୁ ଅତିରିକ୍ତ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଭାବେ ନିଯୁକ୍ତ କରାଯାଇଛି। ସହକାରୀ ପୁଲିସ ମହାନିରୀକ୍ଷକ, ମେରାଇନ ଓ ଉପକୂଳ ସୁରକ୍ଷା ଭାବେ କାର୍ଯ୍ୟ କାର୍ଯ୍ୟରତ ନାରାୟଣ ନାୟକଙ୍କୁ ବଦଳି କରାଯାଇ ସୁବର୍ଣ୍ଣପୁରର ଏସପି ଭାବେ ନିଯୁକ୍ତ କରାଯାଇଛ।

# ୧୯ ପ୍ରକଳ୍ପ, ୩୮୯୮ କୋଟିର ପୁଞ୍ଜିନିବେଶକୁ ମଞ୍ଜୁରୀ

ଭୁବନେଶ୍ୱର, ୨।୫(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ୧୩୬ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସଏଲଏସଡବ୍ଲୁଏ) ବୈଠକରେ ୩୮୯୮.୫୪ କୋଟି ଟଙ୍କାର ୧୯ଟି ନିବେଶ ପ୍ରକଳ୍ପକୁ ଅନୁମୋଦନ କରି ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଜାରି ରଖିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅନୁମୋଦନ ହୋଇଥିବା ପ୍ରସ୍ତାବ ଗୁଡ଼ିକରେ ରାଜ୍ୟରେ ୭,୪୬୪ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।



ଏହି ମଂଜୁରୀପ୍ରାପ୍ତ ପ୍ରସ୍ତାବଗୁଡ଼ିକ ଇସ୍ପାତ, ଲୌହ ଓ ଫେରୋ ଆଲଏଜ୍, ଶିଳ୍ପ-ଗ୍ୟାସ୍, ଲଜିଷ୍ଟିକ୍ସ, ଖାଦ୍ୟ ଓ ପାନୀୟ, କୃଷି ପ୍ରକ୍ରିୟାକରଣ, ପର୍ଯ୍ୟଟନ ଓ ଆତିଥେୟତା, ରାସାୟନିକ ପଦାର୍ଥ, ଧାତୁ, ପୋଷାକ ଓ ଟେକ୍ସଟାଇଲ୍ ଭଳି ବିଭିନ୍ନ ପ୍ରଭାବୀ କ୍ଷେତ୍ରରେ ଅନ୍ତର୍ଭୁକ୍ତ। ଏହି ଅନୁମୋଦନ ଭାରତର ଅନ୍ୟତମ ଆକର୍ଷଣୀୟ ନିବେଶ ସ୍ଥଳ ଭାବେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଇଛି। ଏହି ପ୍ରସ୍ତାବଗୁଡ଼ିକ ଅନୁଗୋଳ, ବାଲେଶ୍ୱର, କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ । ଓଡ଼ିଶାର ଇସ୍ପାତ, ଲୌହ ଓ ଫେରୋ ଆଲଏଜ୍ କ୍ଷେତ୍ରରେ ରାଜ୍ୟର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୪ଟି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ପ୍ରସ୍ତାବ ରହିଛି। ଟାଟା ଷ୍ଟିଲ ଏହାର ଅଶୋଧିତ ଇସ୍ପାତ କ୍ଷମତାକୁ ପ୍ରସ୍ତାବିତ ୬. ୫ ଏମଟିପିଏରୁ ୭. ୧ ଏମଟିପିଏକୁ ବୃଦ୍ଧି କରିବାକୁ ଯାଉଛି ଏବଂ ଅତିରିକ୍ତ ୭୦୦ କୋଟି ଟଙ୍କା ବିନିଯୋଗ କରିବ ଯଦ୍ୱାରା ୩୭୫ ନୂତନ ନିଯୁକ୍ତି ସୃଷ୍ଟି କରିବ।

କେନ୍ଦୁଝରରେ ଶ୍ରୀ ମେଟାଲିକ୍ସ ଲିମିଟେଡ୍ ଏହାର ସମନ୍ୱିତ ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ୮୮୫ କୋଟି ଟଙ୍କା ବିନିଯୋଗ କରିବ ଏବଂ ୯୫୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଲାଲ ବାବା ସିମଲେସ୍ ଟ୍ୟୁବସ୍ ପ୍ରାଇଭେଟ୍ ଲିମିଟେଡ୍ କଟକରେ ୨୦୦ କୋଟି ଟଙ୍କାର ଟ୍ୟୁବ୍ ଉତ୍ପାଦନ କାରଖାନା ସ୍ଥାପନ କରି ୫୦୦ ନିଯୁକ୍ତି ସୃଷ୍ଟି କରିବାକୁ ଯୋଜନା ରଖିଥିବା ବେଳେ ସୁର୍ଲନ୍ ଇଣ୍ଡିଆ । ଲିମିଟେଡ୍ ସୁନ୍ଦରଗଡ଼ରେ ୫୫ କୋଟି ଟଙ୍କାର ରେଳବାଇ ଯନ୍ତ୍ରାଂଶ ଉତ୍ପାଦନ ୟୁନିଟ୍ ସ୍ଥାପନ କରି ଏକ ହଜାର ନିଯୁକ୍ତି ସୃଷ୍ଟି କରିବାକୁ ଯାଉଛି। ଏହି ପ୍ରକଳ୍ପଗୁଡ଼ିକ ଧାତୁ ଏବଂ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ପ୍ରତିଷ୍ଠାକୁ ଆହୁରି ସୁଦୃଢ଼ କରିବ।

ଶିଳ୍ପ ଗ୍ୟାସ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ କ୍ରମରେ ଲିଣ୍ଡେ ଇଣ୍ଡିଆ। ଲିମିଟେଡ୍ ଯାଜପୁରରେ ଏକ ଅତ୍ୟାଧୁନିକ ଏୟାର ପୃଥକୀକରଣ ୟୁନିଟ୍ ପ୍ରତିଷ୍ଠା ପାଇଁ ୪୨୫ କୋଟି ଟଙ୍କା ବିନିଯୋଗ କରିବାକୁ ଯାଉଛି। ଏଥିରେ ବାର୍ଷିକ ୧୨ ଲକ୍ଷ ମେଟ୍ରିକ୍ ଟନ୍ ରୁ ଅଧିକ ଶିଳ୍ପ ଗ୍ୟାସ ଉତ୍ପାଦନ କ୍ଷମତା ରହିବ ଏବଂ ଏହା ଦ୍ୱାରା ୧୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବିଭରେଜ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ପାନୀୟ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ୩୦୦ କୋଟି ଟଙ୍କା ବିନିଯୋଗ କରିବ, ଯାହାଦ୍ୱାରା ୮୨୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଇଛି।

### ସଫେଇ ଦେଲେ ରାମକୃଷ୍ଣ ଦାସ ମହାପାତ୍ର

ଭୁବନେଶ୍ୱର, ୨।୫(ମହାଭାରତ): ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ନେଇ ବିବାଦ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର । ସେ କହିଛନ୍ତି ଯେ, ମୋତେ ମନ୍ଦିର ପ୍ରତିଷ୍ଠା ପାଇଁ ଡାକିଥିଲେ। ପଥର ମୂର୍ତ୍ତି ଦେଖିଲା ପରେ ଏଥିରେ ପ୍ରାଣ ପ୍ରତିଷ୍ଠା ପାଇଁ ମୁଁ ମନା କଲି । ପରେ ନିମ୍ବ କାଠର ମୂର୍ତ୍ତି ନିର୍ମାଣ ପରେ ପୂଜା କରାଗଲା। ବ୍ରହ୍ମ ସ୍ଥାପନ କଥା ମୁଁ କେଉଁଠି କହିନାହିଁ। ବ୍ରହ୍ମ ଏକମାତ୍ର ଜଗନ୍ନାଥ ଧାମରେ ରହିଛି । ଏକମାତ୍ର ଜୀବିତ ଠାକୁର ପୁରୀ ଜଗନ୍ନାଥ ଧାମରେ ରହିଛି । ସବୁଠି ଜଗନ୍ନାଥ ବସି ପାରିବେ, ହେଲେ ଜଗନ୍ନାଥ ଧାମ କେବଳ ପୁରୀରେ ଅଛି । ଜଗନ୍ନାଥ ଧାମ ନଲେଖି ଜଗନ୍ନାଥ କ୍ଷେତ୍ର ଲେଖିବାକୁ ମୁଁ ମମତାଙ୍କୁ ଚିଠି ଲେଖିବି । ପୁରୀ ଜଗନ୍ନାଥଙ୍କ ରୀତି ନୀତି ଅନ୍ୟ କେଉଁଠି କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି ।

# ଓଡ଼ିଶାର ୭ ସ୍ଥାନରେ ସୁରକ୍ଷା କଡ଼ାକଡ଼ି

ଭୁବନେଶ୍ୱର, ୨।୫(ମହାଭାରତ): ଭାରତ-ପାକ ଯୁଦ୍ଧ ଆଶଙ୍କା ବଢୁଛି ।ଯେକୌଣସି ପରିସ୍ଥିତିରେ କିଛି ବି ହୋଇପାରେ। ଏହାରି ଭିତରେ ଓ ୭ଟି ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରିଛି ଗୁଇନ୍ଦା ବିଭାଗ। ଶତ୍ରୁର ନଜର ଏସବୁ ଅଞ୍ଚଳ ଉପରେ ପଡିଥିବା କୁହାଯାଇଛି। ଫଳରେ ଏସବୁ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ହଠାତ ବାଇ ଦିଆଯାଇଛି ।ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଆଶଙ୍କା ଯୋଗୁଁ ରାଜ୍ୟ ସରକାର ଓ ପୋଲିସ ହାଇ ଆଲର୍ଟ ଜାରି କରିଛନ୍ତି। ରାଜ୍ୟର ୭ଟି ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରାଯାଇ ସେଠାରେ କଡ଼ା ନିରୀକ୍ଷଣ ଜାରି ରଖାଯାଇଛି ।ଓଡ଼ିଶା ସୀମାସ୍ଥ ଜଳପଥ ସମେତ ଅନ୍ୟ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ପୋଲିସ ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀ କଡ଼ା ଚେକିଂ ଆରମ୍ଭ କରିଛନ୍ତି।

ସୂଚନା ଅନୁସାରେ, ପୁରୀ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଜଗତସିଂହପୁର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲାର କେତେକ ଅଞ୍ଚଳକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଏହି ଅଞ୍ଚଳଗଡିକୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯାଇଛି ।ସୀମାନ୍ତ ଅଞ୍ଚଳରେ ଥିବା ଜଳପଥ ଓ ସ୍ଥଳପଥରେ ସନ୍ଦିଗ୍ଧ ଗତିବିଧି ଉପରେ ନଜର ରଖାଯାଉଛି ।ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ସୁରକ୍ଷା ବାହିନୀ ପେଟ୍ରୋଲିଂ ବୃଦ୍ଧି କରିଛି। ଏହି ଉତ୍ତେଜନାର ମୁଖ୍ୟ କାରଣ ହେଉଛି ଆନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଆଶଙ୍କା ଏବଂ ଅନୁପ୍ରବେଶର ସମ୍ଭାବନା ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସିଙ୍କ ସହ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ।ପୋଲିସ ଅଧିକାରୀମାନେ ଜଣାଇଛନ୍ତି ଯେ,



ସମ୍ବେଦନଶୀଳ ଅଞ୍ଚଳରେ ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ଏହା ପୂର୍ବରୁ ମଧ୍ୟ ଓ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଆଶଙ୍କା ଦେଖାଦେଇଥିଲା। ୨୦୨୩ରେ ଭୁବନେଶ୍ୱରର ଏକ ହୋଟେଲରୁ ଚାରି ଜଣ ସନ୍ଦିଗ୍ଧ ବ୍ୟକ୍ତି ପରିଚୟ ପ୍ରମାଣ ନ ଦେଇ ପଳାଇଥିଲେ, ଯାହା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲା ସେହିପରି, ୨୦୧୩ରେ ରାଉରକେଲାରେ ପାଞ୍ଚ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଥିଲା ।

## ଦୀଘା ମନ୍ଦିରର ହେବ ତଦନ୍ତ

ଭୁବନେଶ୍ୱର, ୨।୫(ମହାଭାରତ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ନେଇ ଗତ କିଛିଦିନ ଧରି ଦ୍ୱନ୍ଦାତ୍ମକ ତଥ୍ୟ ସବୁ ଗଣମାଧ୍ୟମରେ ପ୍ରଚାରିତ ହେଉଛି। ଶ୍ରୀଜଗନ୍ନାଥଙ୍କର ମନ୍ଦିର ଦିଘାଠାରେ ହେବା, ମନ୍ଦିରର ନାମକୁ ଜଗନ୍ନାଥ ଧାମ ଲେଖାଯିବା, ଏଠାରୁ ସେବାୟତମାନେ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ତଥା ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ ହେବା ଇତ୍ୟାଦି ବାବଦରେ ଚର୍ଚ୍ଚାହେବା ବିଷୟ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଅଟେ। ଏଭଳି କଥାଗୁଡ଼ିକ ଜଗନ୍ନାଥପ୍ରେମୀ ଭକ୍ତ ସମାଜ ଓ ଓଡ଼ିଶାର ସାଢ଼େ ଚାରିକୋଟି ଜନତାଙ୍କ ମନରେ କଷ୍ଟ ଦେଇଛି ବୋଲି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପତ୍ର ଲେଖି ଜଣାଇଛନ୍ତି।

ସଂପୂର୍ଣ୍ଣ ଘଟଣା ଉପରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଏକ ଅନ୍ତରୀଣ ତଦନ୍ତ କରାଯାଇ ସତ୍ୟାସତ୍ୟ ଜନମାନସକୁ ଆଣିବାର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ଯଦି କେହି ଦୋଷୀ ସାବ୍ୟସ୍ତ ହେଉଛନ୍ତି ବା ଜ୍ଞାତସାରରେ ଥାଇ ଏଭଳି ଘଟଣା ଘଟାଉଛନ୍ତି ସେ ବାବଦରେ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ଦଣ୍ଡବିଧାନ କରିବାର ପ୍ରାବଧାନ କରିବାକୁ ମନ୍ତ୍ରୀ ତାଙ୍କ ପତ୍ର ଜରିଆରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ କହିଛନ୍ତି ।ଦୀଘା ମନ୍ଦିର ବିବାଦକୁ ନେଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଏ ସଂପର୍କରେ ଅବଗତ ଅଛନ୍ତି । ପରବର୍ତ୍ତୀ ପଦକ୍ଷେପ ନିଆଯିବ । ଦେଶରେ ୪ ଧାମ ଅଛି, ଏହା ବାଦ୍ ଆଉ ଧାମ କରିବା ଠିକ୍ ନୁହେଁ । ଜଗନ୍ନାଥ ଧାମ କେବଳ ପୁରୀରେ, ଆଉ କେଉଁଠି ହୋଇପାରିବନି ବୋଲି ସେ କହିଛନ୍ତି।

# ସବା ତଳ ପାହାଚରେ ଥିବା ଲୋକଙ୍କ ପାଇଁ ସରକାର ସମର୍ପିତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୫(ମହାଭାରତ): ଦଶନ୍ଧି ଦଶନ୍ଧି ଧରି ଦେଶର ପ୍ରଗତିର ଚକ୍ରକୁ ଶ୍ରମିକମାନେ ଅବିରତ ଭାବେ ଚଳେଇ ଆସୁଛନ୍ତି ଓ ବିକାଶରେ ନିଜର ଯୋଗଦାନ ନିରବଚ୍ଛିନ୍ନ ଭାବେ ଦେଇଆସୁଛନ୍ତି। ଦାୟିତ୍ୱ ନେବାର ପ୍ରଥମ ଦିନରୁ ହିଁ ଆମ ସରକାର ରାଜ୍ୟର ସବା ତଳ ପାହଚରେ ଥିବା ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରୁଛି। ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ସ୍ଥାନୀୟ ଓ.ୟୁ.ଏ.ଟି କୃଷି ଶିକ୍ଷା ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଦୁଇଟି ପ୍ରମୁଖ ଶ୍ରମିକ ପ୍ରତୀକ୍ଷା ସ୍ଥାନ- ଡୁମୁଡୁମା ଏବଂ କଳ୍ପନା ଛକଠାରେ ବହୁମୁଖୀ 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର'ର ଉଦଘାଟନ କରିଥିଲେ। ଏହି ପ୍ରତୀକ୍ଷା କେନ୍ଦ୍ରମାନଙ୍କରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟ ସ୍ଥଳର ସୁବିଧା ସହିତ ପାନୀୟ ଜଳ, ଶୌଚାଳୟ ଓ ପାର୍କ ଆଦିର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ କଟକ, ରାଉରକେଲା, ସମ୍ବଲପୁର, କେନ୍ଦୁଝର, ବ୍ରହ୍ମପୁର ଭଳି ଅନ୍ୟ ସହରାଞ୍ଚଳ ଗୁଡିକରେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ନିର୍ମାଣ କରାଯିବ। ଏହି କେନ୍ଦ୍ର ଗୁଡିକ ଶ୍ରମଜୀବୀମାନଙ୍କ ଗରିମା ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ଏଥି ସହିତ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶିକ୍ଷା ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ବଣ୍ଟନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ଶ୍ରମ ଓ




କର୍ମଚାରୀ ରାଜ୍ୟ ବୀମା ବିଭାଗ ରାଜ୍ୟରେ ଥିବା ବିଭିନ୍ନ ସଂଗଠିତ ତଥା ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ ଆଇନଗତ ଅଧିକାର ଓ ସାମାଜିକ ସୁରକ୍ଷା ଦିଗରେ ସର୍ବଦା ଯତ୍ନବାନ ହୋଇ କାର୍ଯ୍ୟ କରି ଆସୁଛି ।ସେ କହିଥିଲେ ଯେ, ନିର୍ବାଚନ ପୂର୍ବରୁ ଆମର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଏହି ବୋର୍ଡ଼ ଅଧିନରେ ପ୍ରଦାନ କରାଯାଉଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ସାଧାରଣ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୪ ଲକ୍ଷ ଟଙ୍କାରୁ ୬ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧିନରେ ଅଦ୍ୟାବଧି ପାଖାପାଖି ୪୭ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ବିଭିନ୍ନ ସହାୟତା ବାବଦରେ ୩,୯୫୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ଦିଆଯାଇ ସାରିଲାଣି, ଯାହାକି ସେମାନଙ୍କର ଏବଂ ସେମାନଙ୍କ ପରିବାରର ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଆମ ସରକାର କ୍ଷମତାକୁ ଆସିଲା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪ ଲକ୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ନୂତନ ଭାବେ ପଞ୍ଜୀକୃତ କରିବା ସହିତ ୩୭୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ।ଆଜି ସାରା ରାଜ୍ୟରେ ଏକକାଳୀନ ପାଖାପାଖି ୩ ହଜାର ଯୋଗ୍ୟ ନିର୍ମାଣ ଶ୍ରମିକମାନଙ୍କୁ ନୂତନ ଭାବେ ପରିଚୟପତ୍ର ପ୍ରଦାନ କରାଯାଇଛି ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ବାବଦରେ ୪୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରାଯାଇଛି। ସେ କହିଥିଲେ ଯେ, ଏହା ଆମ ସରକାରର କାର୍ଯ୍ୟଦକ୍ଷତାର ଏକ ବଳିଷ୍ଠ ଉଦାହରଣ ଅଟେ। ନୂତନ ଜ୍ଞାନ କୌଶଳର ଉପଯୋଗ କରି ଶ୍ରମିକମାନଙ୍କୁ ବିଭିନ୍ନ ସେବା ଯୋଗାଇଦେବା ଆମ ସରକାରଙ୍କର ପ୍ରାଥମିକତା।

ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ବିଭିନ୍ନ ସେବାକୁ ଶ୍ରମିକମାନଙ୍କ ହାତ ପାହାନ୍ତାରେ ପହଂଚାଇବା ପାଇଁ ମୁଖ୍ୟମନ୍ତ୍ରୀ 'ଓଡ଼ିଶା ଶ୍ରମିକ ସାଥୀ ମୋବାଇଲ୍ ଆପ୍'ର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଶ୍ରମିକମାନେ ସହଜରେ ଏବଂ ସୁବିଧାରେ ଘରେ ବସି ବିଭିନ୍ନ ସେବା ପାଇ ପାରିବେ। ଏହି ମୋବାଇଲ୍ ଆପ୍, ଅନ୍ଲାଇନ୍ ଶ୍ରମିକ ପଞ୍ଜୀକରଣ, ନବୀକରଣ ତଥା ସହାୟତା ନିମନ୍ତେ ଆବେଦନ ଆଦି ସେବା ପାଇବା ଦିଗରେ ନିର୍ମାଣ ଶ୍ରମିକମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ସେ କହିଥିଲେ ।ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ସହିତ କେନ୍ଦ୍ର ସରକାରଙ୍କ ନୂତନ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହନ ଓ ବ୍ୟବସାୟିକ ସରଳୀକରଣ ପରିକଳ୍ପନା ସାକାର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବୈଷୟିକ ଜ୍ଞାନର ଉପଯୋଗ କରି ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ଶ୍ରମ ବିଭାଗର 'ପରିଶ୍ରମ ପୋର୍ଟାଲ' ମାଧ୍ୟମରେ ବିଭିନ୍ନ ଶ୍ରମ ଆଇନ୍ ଅନ୍ତର୍ଗତ ପଞ୍ଜୀକରଣ ଏବଂ ଲାଇସେନ୍ସ ଆଦି ଅନଲାଇନ ସେବା ପ୍ରଦାନ କରାଯାଉଛି ।

## ଡାଲ୍ ରାଇସ୍

ସାମଗ୍ରୀ: ଚାଉଳ, ହରଡ଼ ଡାଲି, ହଳଦୀ ଗୁଣ୍ଡ, ସୋରିଷ, ମୁଗ ଡାଲି, ମେଥି, ପିଆଜ, ବିଲାତି, ଅଦା ଓ ରସୁଣ ପେଷ୍ଟ, ତେନ୍ତୁଳି ରସ, ତେଲ, ଘିଅ, ଲୁଣ ସ୍ବାଦନୁସାରେ, ଭୁର୍ସୁଙ୍ଗ ପତ୍ର, ଧନିଆ ପତ୍ର

ଗ୍ରାଇଣ୍ଡିଙ୍ଗ୍ ପାଇଁ- ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ, ନଡ଼ିଆ କୋରା

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଶୁଖିଲା ଲଙ୍କା, ପାନମହୁରୀ, ଜିରା, ପିଆଜ ଓ ନଡ଼ିଆ କୋରା ଭଲଭାବରେ ଗ୍ରାଇଣ୍ଡିଙ୍ଗ୍ କରିନିଅନ୍ତୁ । ଚାଉଳ, ଡାଲି ଓ ମେଥିକୁ ଭଲଭାବରେ ଅଲଗା ଅଲଗା କରି ପାଣି ରେ ୧ ଘଣ୍ଟା ଯାଏ ଭିଜେଇ ରଖନ୍ତୁ । ପ୍ରେସରକୁକରରେ ୨ କପ୍ ପାଣି ନେଇ ହଳଦୀ ଗୁଣ୍ଡ, ଡାଲି ଓ ମେଥିକୁ ଗୋଟିଏ ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏହାପରେ ୩ କପ୍ ପାଣି ଦେଇ ଚାଉଳ ଡାଳି ଦୁଇଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ପରେ ତେନ୍ତୁଳି ରସ, ଲୁଣ ଓ ଗ୍ରାଇଣ୍ଡିଙ୍ଗ୍ ହୋଇଥିବା ପେଷ୍ଟ ପକାଇ ୪ଟି ହୁଇସିଲ୍ ମାରିବା ଯାଏ ରାନ୍ଧନ୍ତୁ । ଏକ ପ୍ୟାନରେ ଘିଅ ଗରମ କରି କଟା ପିଆଜ, ବିଲାତି ଓ ଅଦା-ରସୁଣ ପେଷ୍ଟ ଭଲ ଭାବରେ ଭାଜନ୍ତୁ । ଆଉ ଏକ ପ୍ୟାନରେ ତେଲ ଗରମ କରି ସୋରିଷ, ଭୁର୍ସୁଙ୍ଗ ପତ୍ର ଓ ମୁଗ ଡାଲିକୁ ଭଲ ଭାବରେ ଭାଜନ୍ତୁ ଯ ପରେ ସମସ୍ତ ଭଜା ହୋଇଥିବା ସାମଗ୍ରୀକୁ ନେଇ ଭଲ ଭାବରେ ରନ୍ଧା ହୋଇଥିବା ଚାଉଳ ଓ ଡାଲି ରେ ମିଶାଇ ଦିଅନ୍ତୁ । ପରେ ଏକ ପାତ୍ରକୁ କାଢି ଧନିଆ ପତ୍ର ସଜାଇ ଗରମା ଗରମ ପରସନ୍ତୁ।



### ଖବର

# ଯକୃତ ସମସ୍ୟା ପାଇଁ ଚାଲିଗଲା ମାଲାୟଲମ ଅଭିନେତାଙ୍କ ଜୀବନ





ମାଲାୟଲମ ଅଭିନେତା ବିଷ୍ଣୁ ପ୍ରସାଦଙ୍କ ଦେହାନ୍ତ ହୋଇଛି। ତାଙ୍କ ମୃତ୍ୟୁ ଖବର ସୋସିଆଲ ମିଡିଆରେ ଅଭିନେତା କିଶୋର ସତ୍ୟ ନିଶ୍ଚିତ କରିଛନ୍ତି, ଯିଏ ନିଜ ଫେସବୁକ୍ ହ୍ୟାଣ୍ଡେଲରେ ବିଷ୍ଣୁ ପ୍ରସାଦଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ତାଙ୍କ ପୋଷ୍ଟରେ ଲେଖାଯାଇଛି ଯେ, ପ୍ରିୟ ବନ୍ଧୁଗଣ, ଏକ ଅତ୍ୟନ୍ତ ଦୁଃଖଦ ଖବର ଦେବାକୁ ଯାଉଛି। ବିଷ୍ଣୁ ପ୍ରସାଦଙ୍କ ଦେହାନ୍ତ ହୋଇଛି। ସେ କିଛି ଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ପ୍ରାର୍ଥନା କରୁଛି ଯେ ତାଙ୍କ ପରିବାର ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଶକ୍ତି ପାଆନ୍ତୁ। ସୂଚନା ଅନୁଯାୟୀ, ବିଷ୍ଣୁ ପ୍ରସାଦ ଗମ୍ଭୀର ଯକୃତ ରୋଗରେ ପୀଡ଼ିତ ଥିଲେ। ତାଙ୍କର ଚିକିତ୍ସା ଚାଲିଥିଲା। ଗତ କିଛି ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ଅଭିନେତାଙ୍କ ପରିବାର ତାଙ୍କ ଯକୃତ ପ୍ରତିରୋପଣ ପାଇଁ ପ୍ରସ୍ତୁତି କରୁଥିଲେ ଏବଂ ତାଙ୍କ ଝିଅ ମଧ୍ୟ ସ୍ୱେଚ୍ଛାକୃତ ଭାବରେ ଯକୃତ ଦେବାକୁ ପ୍ରସ୍ତୁତ ଥିଲେ। ହେଲେ ପରିବାର ପାଖରେ ଅସ୍ତ୍ରୋପଚାର ପାଇଁ ଆବଶ୍ୟକୀୟ ପାଣ୍ଠି ନଥିବାରୁ ଏହାକୁ ଯୋଗାଡ଼ କରିବାକୁ ସେ ସଂଘର୍ଷ କରୁଥିଲେ।ମାଲାୟଲମ୍ ଚଳଚ୍ଚିତ୍ର ଏବଂ ଟେଲିଭିଜନ ଜଗତରେ ବିଷ୍ଣୁ ପ୍ରସାଦ ଏକ ଲୋକପ୍ରିୟ ନାମ ଥିଲେ। ସେ 'ଥୋଣ୍ଡିମୁଥଲମ୍ ଦ୍ରିକ୍ସାକ୍ସିୟମ୍' ଏବଂ 'ସୁଦାନୀ' ଭଳି ଚଳଚ୍ଚିତ୍ରରେ ଅଭିନୟ କରି ଇଣ୍ଡଷ୍ଟ୍ରିରେ ନିଜ ପାଇଁ ଏକ ସ୍ଥାନ ତିଆରି କରିଥିଲେ ସେ 'କାଶୀ', 'କଇ ଏଥୁମ୍ ଦୁରେଥୁ', 'ରନୱେ', 'ମମ୍ବାଜାକାଲମ୍', 'ଲାୟନ୍', 'ବେନ୍ ଜନସନ', 'ଲୋକନାଥନ୍ ଆଇଏସ୍', 'ପଟାଖା' ଏବଂ 'ମରାଠା ନାଡୁ' ଭଳି ଚଳଚ୍ଚିତ୍ରରେ ସେ ଅଭିନୟ କରିଥିଲେ।

## ବିଷାକ୍ତ ଫୁଲକୁ ଜାଣିପାରେ ପ୍ରଜାପତି



ରଙ୍ଗବେରଙ୍ଗର ପ୍ରଜାପତି ମଧ୍ୟ ବିଷ ତତ୍ତ୍ୱକୁ ସହଜରେ ଚିହ୍ନଟ କରିପାରେ। ଫୁଲରୁ ଫୁଲକୁ ଉଡ଼ି ବସୁଥିବା ଏଇ ପ୍ରଜାପତିର ୬ଟି ଗୋଡ଼ ଥାଏ। ମନୁଷ୍ୟ ଓ ଅନ୍ୟାନ୍ୟ ପ୍ରାଣୀ ଜିଭରେ ସ୍ୱାଦ ଚାଖୁଥିବାବେଳେ ପ୍ରଜାପତି କୀଟଟି ଗୋଡ଼ରେ ସ୍ୱାଦକୁ ଜାଣିପାରେ। ଶୁଣିବାକୁ ବିଚିତ୍ର ଲାଗୁଥିଲେ ମଧ୍ୟ ବିଶେଷଜ୍ଞ ଦଳ ହିଁ ଏହାର ସତ୍ୟତା ପ୍ରମାଣ କରିଛନ୍ତି। ଗୋଡ଼ରେ ଥିବା ସ୍ୱାଦ ସେନ୍ସର୍ ସେମାନଙ୍କର କାମ କରିବା ସହ ବିଷାକ୍ତ ଫୁଲର ପାଖରେ ଉଡ଼ିଲେ ମଧ୍ୟ ଫୁଲର ତତ୍ତ୍ୱ ପ୍ରଜାପତିଟି ସହଜରେ ଜାଣିପାରେ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି, ବିଶ୍ୱରେ ପ୍ରାୟ ୧ଲକ୍ଷ ୬୫ହଜାର ପ୍ରଜାତିର ପ୍ରଜାପତି ଦେଖାଯାନ୍ତି। କେତୋଟି ପ୍ରମୁଖ ସ୍ଥାନ ଅଛି, ଯେଉଁଠାରେ ଦିନରାତି ସଂଖ୍ୟାଧିକ ପ୍ରଜାପତି ଉଡ଼ିବୁଲୁଥାନ୍ତି।

■ ଦକ୍ଷିଣ ଆମେରିକାର ଏକ ଦେଶ ହେଉଛି କଲମ୍ବିଆ। ସେଠାରେ ଥିବା ଭିକ୍ଟୋରିଆ ବଟରଫ୍ଲାଏ ଗାର୍ଡେନରେ ୭୫ରୁ ଅଧିକ ପ୍ରଜାତିର ପ୍ରଜାପତି ଦେଖାଯାଉଥିବାବେଳେ ପର୍ଯ୍ୟଟକ ମଧ୍ୟ ନିୟମିତ ଆସିଥାନ୍ତି।

■ ଓଣ୍ଟାରିଓର ନାଏଗ୍ରା ଫଲ୍ସ ନିକଟରେ ଥିବା ବଟରଫ୍ଲାଏ ଗାର୍ଡେନରେ ୪୫ ପ୍ରଜାତିର ୨ହଜାର ପ୍ରଜାପତି ଅଛନ୍ତି। ଏକ କାଚ ଘରେ ପ୍ରଜାପତିମାନଙ୍କୁ ରଖାଯାଇଥିବାବେଳେ ପର୍ଯ୍ୟଟକ କାଚ ଝରକାରେ ଦେଖିବାର ବନ୍ଦୋବସ୍ତ ରହିଛି।

## ଆନନ୍ଦ ରାମାୟଣରେ ସୀତାଙ୍କ କଥା

ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ। ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ। ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ। ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ। ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ। ଏହାପରେ ରାଜା ପଦ୍ମକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ। ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ ନିଜ ମନର କଥା କହିଲେ। ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ। ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା। ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ। ବଡ଼ ହେବା ପରେ ରାଜା ପଦ୍ମକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ। ସ୍ୱୟଂବରର ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା'କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ। ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା। ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ। ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ। ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ। ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ। ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା। ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା'କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା। ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା। ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା। ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ। କନ୍ୟା ଅତି ସୁନ୍ଦର ଥିଲେ। ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ। ତାହାହିଁ ହେଲା। ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ। କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- "ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା'ର ପରିବାରକୁ ଧ୍ୱଂସ କରିଦେବି ।" ଏହାଶୁଣି ରାବଣ ଡରିଗଲା। ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା। ମାତ୍ର ମନ୍ଦୋଦରୀ ତା'କୁ ଅଟକାଇଲେ। ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା। ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ। ତା'ଭିତରୁ କନ୍ୟାକୁ ବାହାର କଲେ। ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା।



# ଆଖି ମାଂସପେଶୀକୁ ସଙ୍କୁଚିତ କରୁଛି ଲ୍ୟାପଟପ



ଆଜିକାଲି ଆମେ ଦିନକୁ ୧୦-୧୨ ଘଣ୍ଟା କମ୍ପ୍ୟୁଟର, ଲ୍ୟାପଟପ, ଟିଭି କିମ୍ବା ମୋବାଇଲ ସ୍କ୍ରିନ୍ ସାମ୍ନାରେ ସମୟ ବିତାଉଛୁ । ଏଗୁଡ଼ିକର ସ୍କ୍ରିନ୍ ଆମ ଆଖି ଉପରେ କିଭଳି ପ୍ରଭାବ ପକାଏ। ଏକ ସଦ୍ୟ ଅଧ୍ୟୟନ ତାହା ଖୁଲାସା କରିଛି ଯ ବ୍ରିଟେନର ବ୍ରାଡ୍ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ନୀମା ଘୋରବାନି କହିଛନ୍ତି, ଅଫିସ୍ ମିଟିଂ ହେଉ ବା ଅନଲାଇନ୍ ଅଧ୍ୟୟନ, ଲ୍ୟାପଟପ ସମସ୍ତଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । କିନ୍ତୁ ଏହା ଦ୍ୱାରା ଆଖିକୁ ବହୁତ କ୍ଷତି ପହଞ୍ଚୁଛି । ଅର୍ଥାତ ପାଖ ବସ୍ତୁ ତୁଳନାରେ ଦୂର ବସ୍ତୁ ଆମକୁ ସ୍ପଷ୍ଟ ଦେଖାଯାଏ । ଆମ ଆଖି ଉପଯୁକ୍ତ ଦୃଶ୍ୟ ପାଇବା ଲାଗି ଭିଜୁଆଲ ଏନ୍ଭିରନମେଣ୍ଟ ଓ ଜେନେଟିକ୍ ସିଗ୍ନାଲ ଉପରେ ପ୍ରତିକ୍ରିୟା କରେ । ତେବେ ମାୟୋପିୟା ପୀଡ଼ିତ ବ୍ୟକ୍ତିଙ୍କ ଆଖି କୌଣସି ପ୍ରକାର ଅନୁକୂଳିତ ହୋଇପାରେ ନାହିଁ । ସେମାନଙ୍କ ଆଖିର ଲେନ୍ସ ଓ ରେଟିନା ମଧ୍ୟରେ ଦୂରତା ବଢ଼ିଚାଲେ । ଉପରୋକ୍ତ ଗ୍ୟାଜେଟରେସମୟ ବିତାଇବା ଦ୍ୱାରା ଏହି ଦୂରତା ଆହୁରି ବଢ଼ିପାରେ । ଯେତେବେଳେ ଆମେ କୌଣସି ବସ୍ତୁକୁ ପାଖରୁ ଦେଖୁ, ନ୍ୱର ଆକାର ଅନୁସାରେ ଅନୁକୂଳିତ ହେଉଥିବା ସିଲିଅରି ମାଂସପେଶୀ ସଙ୍କୁଚିତ ହୁଏ । ଏହା ଦ୍ୱାରା ଲେନ୍ସର ଆକାର ଅଧିକ ଗୋଲାକାର ହୁଏ । କୌଣସି ବସ୍ତୁରେ ଫୋକସ୍ କରିବାରେ ଏହା ରେଟିନାକୁ ସାହାଯ୍ୟ କରେ ଯସରଳ ଭାଷାରେ କହିଲେ, ସିଲିଅରି ମାଂସପେଶୀ ଉପରେ ଅଧିକ ଚାପ ପଡ଼ିବା ଦ୍ୱାରା ତାହା ପ୍ରସାରିତ ହୁଏ । ଫଳରେ ଲେନ୍ସକୁ ପୁଣି ସମତଳ ଆକାର ଦେବାର ଆଖିର କ୍ଷମତା ଦୁର୍ବଳ ହୋଇଥାଏ । ଏହା ଦ୍ୱାରା ଆଖି ଡୋଳା ମଧ୍ୟ ବଢ଼ିବାକୁ ଲାଗେ । ଫଳରେ ତା'ର ସଂରଚନା ଓ ରେଟିନା ଉପରେ ଆଲୋକ କେନ୍ଦ୍ରିତ କରିବାର କ୍ଷମତାରେ ସ୍ଥାୟୀ ପରିବର୍ତ୍ତନ ହୋଇପାରେ ।ବର୍ଦ୍ଧିତ ଆଖି ଡୋଳାରେ ଦୂର ବସ୍ତୁକୁ ଦେଖିବା ଦ୍ୱାରା ଫୋକସ୍ ରେଟିନାର ସାମ୍ନାରେ ଥାଏ, ଫଳରେ ବସ୍ତୁତ ଝାପ୍ସା ଦିଶେ । କମ୍ପ୍ୟୁଟର ଓ ମୋବାଇଲ ସ୍କ୍ରିନ୍ରେ ଘଣ୍ଟା ଘଣ୍ଟା ଧରି କାମ କରିବା ଦ୍ୱାରା ଆଖି ଉପରେ ପଡୁଥିବା ଚାପରୁ ରକ୍ଷା ପାଇବା ଲାଗି ନୀଳ ଆଲୋକକୁ ଫିଲ୍ଟର କରୁଥିବା ଚଷମାର ଚାହିଦା ବଢ଼ିଛି । କିନ୍ତୁ ଏହାର ବୈଜ୍ଞାନିକ ପ୍ରମାଣ ମିଳିନାହିଁ ।ବୈଜ୍ଞାନିକଙ୍କ ଅନୁସାରେ, ଏ ପ୍ରକାର ଚଷମା ଆଖିକୁ ଚାପମୁକ୍ତ କରେ ନାହିଁ । ବିଶେଷଜ୍ଞମାନେ କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ପଛରେ ନୀଳ ରଶ୍ମିକୁ କାରଣ ବୋଲି ମାନୁନାହାନ୍ତି । ଦୀର୍ଘ ସମୟ ଧରି କମ୍ପ୍ୟୁଟର ବା ଲ୍ୟାପ୍ଟପ୍ ସାମ୍ନାରେ ବସିବା ପରେ ମୁଣ୍ଡବିନ୍ଧା, ଧୂଆଁଳିଆ ଦିଶିବା, ଆଖି ଜଳାପୋଡ଼ା ଭଳି ସମସ୍ୟା କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ୍ ଅନ୍ତର୍ଭୁକ୍ତ ଯ ଗବେଷଣାରୁ ଜଣାପଡ଼ିଛି, ଅନ୍ୟ ସାଧାରଣ ଚଷମା ତୁଳନାରେ ନୀଳ ରଶ୍ମିକୁ ଫିଲ୍ଟର କରୁଥିବା ଚଷମାରେ କୌଣସି ଅତିରିକ୍ତସୁବିଧା ନାହିଁ । ଏହା ଦ୍ୱାରା ଆଖି ଜଳାପୋଡ଼ା ଓ ଥକାପଣ କମେ ନାହିଁ କିମ୍ବା ଦୃଷ୍ଟିଶକ୍ତିରେ ମଧ୍ୟ ଏହା ସୁଧାର ଆଣେ ନାହିଁ । ତେଣୁ ଆପଣ ଯଦି ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ଲ୍ୟାପଟପ ବା ମୋବାଇଲ ସାମ୍ନାରେ ବସୁଛନ୍ତି, ତେବେ ଚକ୍ଷୁ ସମସ୍ୟା ଲାଗି ରହିବ, ଯାହା ଚଷମା ବ୍ୟବହାର ଦ୍ୱାରା କମିବ ନାହିଁ ।

## ଦଶ ଦିଗପାଳ

ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ମୋଟ୍ ଦଶଟି ଦିଗ ରହିଛି । ସେଗୁଡ଼ିକ ହେଲେ- ଉର୍ଦ୍ଧ୍ୱ, ଈଶାନ, ପୂର୍ବ, ଆଗ୍ନେୟ, ଦକ୍ଷିଣ, ନୈରତ୍ୱ, ପଶ୍ଚିମ, ବାୟବ୍ୟ, ଉତ୍ତର ଏବଂ ଅଧୋ । ଆଉ ଏକ 'ମଧ୍ୟ' ଦିଗ ସମ୍ବନ୍ଧରେ ମଧ୍ୟ କେତେକ ପୁରାଣରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ହିନ୍ଦୁ ଶାସ୍ତ୍ର କୁହେ, ପ୍ରତ୍ୟେକ ଦିଗରେ ଜଣେ ଲେଖାଏଁ ଦେବତାଙ୍କୁ ନିଯୁକ୍ତ କରାଯାଇଛି । ଏହି ଦେବତାଙ୍କୁ 'ଦିଗପାଳ' କୁହାଯାଏ । ଯାହାର ଅର୍ଥ ଦିଗପାଳ । ଏମାନେ ଦିଗର ରକ୍ଷା କରିଥାନ୍ତି ।

ଦଶ ଦିଗରେ ଦଶ ଦିଗପାଳ ହେଲେ- ଉର୍ଦ୍ଧ୍ୱ ଦିଗରେ ବ୍ରହ୍ମା, ଈଶାନ୍ ଦିଗରେ ଶିବ ବା ଈଶ, ପୂର୍ବ ଦିଗରେ ଇନ୍ଦ୍ର, ଆଗ୍ନେୟ ଦିଗରେ ଅଗ୍ନି କିମ୍ବା ବ୍ରାହ୍ମି, ଦକ୍ଷିଣ ଦିଗରେ ଯମ, ନୈରତ୍ୱ ଦିଗରେ ନରତି, ପଶ୍ଚିମ ଦିଗରେ ବରୁଣ, ବାୟବ୍ୟ ଦିଗରେ ବାୟୁ ବା ମାରୁତ, ଉତ୍ତର ଦିଗରେ କୁବେର ଏବଂ ଅଧୋ ବା ନିମ୍ନ ଦିଗରେ ଅନନ୍ତ ଦିଗପାଳ ରୂପରେ ବିରାଜମାନ କରିଛନ୍ତି ।

ବରାହ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ଦିଗପାଳଙ୍କ ଉତ୍ପତ୍ତି କଥା ଏହି ପ୍ରକାରେ- ଥରେ ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ରଚନା ନିମନ୍ତେ ଚିନ୍ତାମଗ୍ନ ଥିଲେ । ଏହି ସମୟରେ ତାଙ୍କ କାନରୁ ୧୦ କନ୍ୟା ଉତ୍ପନ୍ନ ହେଲେ । ଏମାନଙ୍କ ମଧ୍ୟରୁ ମୁଖ୍ୟ ୬ଜଣ ଏବଂ ୪ ଜଣ ଗୌଣ ଥିଲେ । ଏହି ଦଶ କନ୍ୟା ହେଲେ ପୂର୍ବା (ଯେକି' ପୂର୍ବ ଦିଗ ନାମରେ ପରିଚିତ ହେଲେ), ଆଗ୍ନେୟୀ(ଯେକି' ଆଗ୍ନେୟ ଦିଗ ରୂପେ ପରିଚିତ ହେଲେ), ଦକ୍ଷିଣା (ଯେକି' ଦକ୍ଷିଣ ଦିଗ ବୋଲାଇଲେ), ନୈରତୀ (ଯେକି' ନୈରତ ଦିଗ ବୋଲାଇଲେ), ପଶ୍ଚିମା (ପଶ୍ଚିମ ଦିଗ ନାମରେ ପରିଚିତ ହେଲେ), ବାୟବୀ (ବାୟବ୍ୟ ଦିଗ ହେଲେ), ଉତ୍ତର (ଉତ୍ତର ଦିଗ ହେଲେ), ଏଶାନୀ (ଈଶାନ ଦିଗ ନାମରେ ପରିଚିତ ହେଲେ), ଉର୍ଦ୍ଧ୍ୱା (ଉର୍ଦ୍ଧ ଦିଗ ନାମରେ ପରିଚିତ ହେଲେ), ଅଦ୍ଧସ୍(ଅଧୋ ବା ନିମ୍ନ ଦିଗ ନାମରେ ପରିଚିତ ହେଲେ) ।

ଏହି କନ୍ୟାମାନେ ବ୍ରହ୍ମାଙ୍କୁ ପ୍ରଣାମ କରି ତାଙ୍କୁ ରହିବା ଲାଗି ଉପଯୁକ୍ତ ସ୍ଥାନ ଏବଂ ଉପଯୁକ୍ତ ପତି ଦେବା ଲାଗି ଅନୁରୋଧ କଲେ । ଏହାଶୁଣି ବ୍ରହ୍ମା କହିଲେ, ତୁମେମାନେ ଯେଉଁ ଦିଗକୁ ଯିବାକୁ ଚାହୁଁଛ ଯାଅ । ମୁଁ ତୁମକୁ ସେହି ଅନୁରୂପ ପତି ଦେବି । ଏହାପରେ ସେହି କନ୍ୟାମାନେ ଭିନ୍ନ ଭିନ୍ନ ଦିଗକୁ ଗତି କଲେ । ସେହି ଅନୁଯାୟୀ, ବ୍ରହ୍ମା ୮ ଦିଗପାଳମାନଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ଗୋଟିଏ ଗୋଟିଏ କନ୍ୟା ପ୍ରଦାନ କଲେ । ଏହାପରେ ଦିଗପାଳମାନେ ନିଜ ନିଜ ଦିଗକୁ ଚାଲିଗଲେ ।

ଲୋକପାଳ ଏବଂ ଦିଗପାଳ
ପୂର୍ବରେ ଇନ୍ଦ୍ର
ଦକ୍ଷିଣ-ପୂର୍ବ(ଆଗ୍ନେୟ)ରେ ଅଗ୍ନି
ଦକ୍ଷିଣରେ ଯମ
ଦକ୍ଷିଣ ପଶ୍ଚିମ(ନୈରତ୍ୱ)ରେ ସୂର୍ଯ୍ୟ
ପଶ୍ଚିମରେ ବରୁଣ
ପଶ୍ଚିମୋତ୍ତର (ବାୟବ୍ୟ)ରେ ବାୟୁ
ଉତ୍ତରରେ କୁବେର
ଉତ୍ତର-ପୂର୍ବ(ଈଶାନ୍)ରେ ସୋମ ବା ଈଶ ରହିଲେ ।
ଉର୍ଦ୍ଧ୍ୱ ଦିଗରେ ସ୍ୱୟଂ ବ୍ରହ୍ମା ରହିଲେ ଏବଂ ଅଧୋ ଦିଗ ଶେଷନାଗଙ୍କୁ ପ୍ରଦାନ କଲେ ।

ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରରେ ଦିଗପାଳଙ୍କ ବିଶେଷ ମହତ୍ୱ ରହିଛି । ଦିଗ ଅନୁଯାୟୀ, ଦିଗପାଳଙ୍କୁ ପୂଜାର୍ଚ୍ଚନା କରିବା ଦ୍ୱାରା ମନୁଷ୍ୟର କଲ୍ୟାଣ ହୋଇଥାଏ । ଦିଗପାଳଙ୍କୁ ସାକ୍ଷୀ ରଖି କେତେକ ଧାର୍ମିକ ପରମ୍ପରା ସମ୍ପନ୍ନ କରାଯାଉଥିବା ମଧ୍ୟ ଦେଖିବାକୁ ମିଳିଥାଏ ।

# ନୂଆଦିଲ୍ଲୀରେ 'ଡେମୋଗ୍ରାଫିକ କନଟେଷ୍ଟସନ୍ସ ଆଣ୍ଡ ଲେଜିସଲେଟିଭ୍ ପ୍ରୋସେସ୍ ଇନ୍ ଇଣ୍ଡିଆ' ପୁସ୍ତକ ଉନ୍ମୋଚିତ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୫(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀ ଠାରେ ରାଜ୍ୟସଭାର ଯୁଗ୍ମ ସଚିବ ତଥା ଲେଖକ ଡଃ ରାଘବ ପ୍ରସାଦ ଦାଶଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ଡେମୋଗ୍ରାଫିକ କନଟେଷ୍ଟସନ୍ସ ଆଣ୍ଡ ଲେଜିସଲେଟିଭ୍ ପ୍ରୋସେସ୍ ଇନ୍ ଇଣ୍ଡିଆ।' ଉନ୍ମୋଚନ କରିଛନ୍ତି। ଉନ୍ମୋଚିତ ପୁସ୍ତକଟି ଗଣତନ୍ତ୍ରର ବିକାଶରେ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ସଂସଦ ହେଉଛି ଗଣତନ୍ତ୍ରର ଏକ ପ୍ରକୃତ ମନ୍ଦିର, ଯାହାର ବହୁମୁଖୀ ଭୂମିକା ରହିଛି । ଏହା କେବଳ ଆଇନ ପ୍ରଣୟନରେ ସୀମିତ ନୁହେଁ ବରଂ ଲୋକଙ୍କ ସ୍ୱରକୁ ବ୍ୟବସ୍ଥାରେ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରେ।ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଗୃହରେ ପାଦ ରଖିଲି ସେତେବେଳେ ସ୍ୱର୍ଗତ ଅଟଳଜୀଙ୍କଠାରୁ ଏହି କଥା ଶିକ୍ଷା ଲାଭ କରିଥିଲି । ସେହିପରି ପୁସ୍ତକ କେବଳ ବର୍ତ୍ତମାନର ପିଢିକୁ ନୁହେଁ ନୂଆପିଢିକୁ ମଧ୍ୟ ପ୍ରେରିତ କରିଥାଏ। ପୁସ୍ତକ ଭବିଷ୍ୟତ ପିଢ଼ି ପାଇଁ ଜ୍ଞାନର ଭଣ୍ଡାର ମଧ୍ୟ ଅଟେ। ଭାରତର ସଂସଦୀୟ ପ୍ରକ୍ରିୟାକୁ ବୁଝିବାରେ ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଡଃ ଦାଶଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଡଃ ଦାଶଙ୍କ ଦ୍ୱାରା ଲିଖିତ ପୁସ୍ତକ, ଭାରତରେ ଗଣତାନ୍ତ୍ରିକ ପ୍ରତିଦ୍ୱନ୍ଦିତା ଏବଂ ବିଧାୟିକ ପ୍ରକ୍ରିୟା ବିଷୟରେ ଦିଗଦର୍ଶନ ପ୍ରଦାନ କରିବ। ବାବାସାହେବ ଭାରତରତ୍ନ ଡକ୍ଟର ବି.ଆର୍ ଆମ୍ବେଦକରଙ୍କ ପାଇଁ ଭାରତୀୟ ସମ୍ବିଧାନର ପ୍ରସ୍ତୁତ ହେଲା, ଯାହା ଗଣତନ୍ତ୍ରରେ ବଡ ଉପଲବ୍ଧି । ଭାରତର ଶାସନ ବ୍ୟବସ୍ଥା ସମ୍ବିଧାନ ପ୍ରଦତ୍ତ ବ୍ୟବସ୍ଥାରେ ତିଆରି ହୋଇଛି । ଏହିଭଳି ଏକ ବିଷୟରେ ସରଳ ଓ ସାବଲୀଳ ଭାଷାରେ ଦସ୍ତାବିଜ ପ୍ରସ୍ତୁତ କରି ପୁସ୍ତକର ରୂପ ଦିଆଯାଇଛି, ଯାହା ପ୍ରଶଂସନୀୟ। ଏହି କାର୍ଯ୍ୟ ଭାରତୀୟ ସଂସଦର ବିକାଶ ଏବଂ କାର୍ଯ୍ୟକାରିତା ବିଷୟରେ ସୂଚନା ପ୍ରଦାନ କରି ପବ୍ଲିକ ପଲିସିର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଏକ ମୂଲ୍ୟବାନ ସମ୍ବଳ ଭାବରେ କାର୍ଯ୍ୟ କରିବ। ଗଣତନ୍ତ୍ର ହେଉଛି ଏକ କ୍ରମାଗତ ବିକଶିତ ପ୍ରକ୍ରିୟା । ଏହି ପୁସ୍ତକ ସେହି ବିକାଶରେ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ଏବଂ ପ୍ରଶାସକ, ବିଧାୟକ ଏବଂ ସାର୍ବଜନୀନ ନୀତି ଚିନ୍ତକମାନଙ୍କ ପାଇଁ ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଉଭା ହେବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି।

# ନିର୍ମାଣ ହେବ ଓୟୁଏଟିର ସୁଦୃଶ୍ୟ ପ୍ରଶାସନିକ ଭବନ

ଭୁବନେଶ୍ୱର, ୨।୫(ମହାଭାରତ): କୃଷି ଭବନ ସମ୍ମିଳନୀ କକ୍ଷରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଚାଲିଥିବା ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ । ଆଇନ ଓ ପୂର୍ତ୍ତମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଅନେକ ଭିତିଭୂମି ସୁଦୃଢ଼ୀକରଣ କାର୍ଯ୍ୟ ଚାଲୁଛି। ଓୟୁଏଟି ଓଡ଼ିଶାର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ। ଏହାକୁ ନୂଆ ରୂପରେଖ ଦେଇ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଏହାର ଉନ୍ନତିକରଣ କାର୍ଯ୍ୟ ଜୋରସୋରରେ ଆଗେଇଚାଲିଛି। ଶିକ୍ଷାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ଉନ୍ନତ ଭିତିଭୂମି ଓ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା ପାଇଁ ଆମର ଏହି ପ୍ରୟାସ । ଆସନ୍ତା ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ହଷ୍ଟେଲ ନିର୍ମାଣ ଓ ଉନ୍ନତିକରଣ କାର୍ଯ୍ୟ ଶେଷ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି ।

ସରକାରଙ୍କ ପ୍ରଦତ ନିୟମାବଳୀ ଅନୁଯାୟୀ ବହୁତଳ ବିଶିଷ୍ଟ ଆବାସିକ ହଷ୍ଟେଲ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ପୂର୍ତ୍ତମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କାର୍ଯ୍ୟକାରୀ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି। ସଂପ୍ରତି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ ହଷ୍ଟେଲ ଏବଂ ପ୍ରଶାସନିକ ଭବନର ନିର୍ମାଣ କାର୍ଯ୍ୟ ଚାଲୁଛି। ଏସବୁ ମଧ୍ୟରେ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୨୦୦ ଶଯ୍ୟା ବିଶିଷ୍ଟ କୃଷକ ହଷ୍ଟେଲ, ୫୦୦ ଶଯ୍ୟା ବିଶିଷ୍ଟ ନୂତନ ପ୍ରେକ୍ଷାଳୟ, ନୂତନ ପ୍ରଶାସନିକ ଭବନ, ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ୧୦ ଗୋଟି ହଷ୍ଟେଲର ଉନ୍ନତିକରଣ, କୃଷକ ଶିକ୍ଷଣ କେନ୍ଦ୍ର ଇତ୍ୟାଦି ରହିଛି। ନୂତନ ପ୍ରଶାସନିକ ଭବନକୁ ଭୁବନେଶ୍ୱର କୃଷି ଭବନ ଭଳି ଏକ ସୁଦୃଶ୍ୟ କୋଠା କରାଯିବା ଉପରେ ନିଷ୍ପତି ହୋଇଛି।

ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ କାର୍ଯ୍ୟଗୁଡିକର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଏବଂ ବିଭାଗ ତରଫରୁ ସମସ୍ତ ସହଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, ସିଏମଡି ପୋଲିସ୍ ଗୃହନିର୍ମାଣ ନିଗମ ସୌମେନ୍ଦ୍ର ପ୍ରିୟଦର୍ଶୀ ତଥା ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି ଓଡିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ। ଶୁକ୍ରବାର ଦିନ ଲୋକସେବା ଭବନ ଠାରେ ଓଡିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ୍ ସିଂ ଓ ପୋଷ୍ଟାଲ ସର୍ଭିସ୍ ର ନିର୍ଦ୍ଦେଶକ ଅମିତ୍ କୁମାର ଝା ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

# ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୨।୫(ମହାଭାରତ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଆଜି ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସଫଳ ଏବଂ ଉଜ୍ଜଳ ଭବିଷ୍ୟତର କାମନା କରିଛନ୍ତି।

ଏକ ବାର୍ତାରେ ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ମାଟ୍ରିକ ପରୀକ୍ଷାକୁ ଛାତ୍ରଛାତ୍ରୀମାନଙ୍କର କ୍ୟାରିୟରର ପ୍ରଥମ ସୋପାନ ବୋଲି ବିବେଚନା କରାଯାଇଥାଏ। ଆଜି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ମାଟ୍ରିକ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତ ବିଦ୍ୟାର୍ଥୀମାନଙ୍କୁ ମୁଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

କଠିନ ପରିଶ୍ରମ ଏବଂ ଅଧ୍ୟବସାୟ ହିଁ ସଫଳତାର ଚାବିକାଠି। ଆଜି ଉତୀର୍ଣ୍ଣ ହୋଇଥିବା ସମସ୍ତ ବିଦ୍ୟାର୍ଥୀମାନେ ଆଗାମୀ ଦିନରେ ମଧ୍ୟ ନିଜର ପରିଶ୍ରମ ଜାରି ରଖିବେ ଏବଂ ଉଚ୍ଚଶିକ୍ଷା ଲାଭ କରି ନିଜ ପାଇଁ ଏକ ସ୍ୱର୍ଣ୍ଣିମ ଭବିଷ୍ୟତର ନିର୍ମାଣ କରିବେ ବୋଲି ମୁଁ ଆଶା କରୁଛି। ଏଥିସହିତ ଆଜିର ମାଟ୍ରିକ ପରୀକ୍ଷା ଫଳରେ ଆଶାନୁରୂପକ ଫଳ ପାଇନଥିବା ବିଦ୍ୟାର୍ଥୀମାନେ ହତୋତ୍ସାହିତ ନ ହୋଇ ଆଗାମୀ ଦିନରେ ଅଧିକ ପରିଶ୍ରମ କରି ସଫଳତା ଅର୍ଜନ କରନ୍ତୁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

# ଚାରିଧାମ ଯାତ୍ରା ପାଇଁ ଭାରତ ଗୌରବ ଡିଲକ୍ସ ଟ୍ରେନ ଚଳାଚଳ

ଭୁବନେଶ୍ୱର, ୨।୫(ମହାଭାରତ): ବଦ୍ରିନାଥ, ଜଗନ୍ନାଥ ପୁରୀ, ରାମେଶ୍ୱରମ୍ ଏବଂ ଦ୍ୱାରକା ଦେଶର ଚାରି ଦିଗରେ ଅବସ୍ଥିତ ଏପରି ଚାରୋଟି ପବିତ୍ର ସ୍ଥାନ ଯାହାକୁ ପ୍ରତ୍ୟେକ ଭାରତୀୟ ପରିଦର୍ଶନ କରିବାକୁ ଇଚ୍ଛା କରନ୍ତି । ଦେଶର ଏହି ଚାରିଧାମକୁ ଟ୍ରେନରେ ଯାତ୍ରା କରିବା ସମ୍ଭବ। ଏଥିପାଇଁ ଭାରତୀୟ ରେଳବାଇ ଦ୍ୱାରା ଭାରତ ଗୌରବ ଡିଲକ୍ସ ପର୍ଯ୍ୟଟନ ଟ୍ରେନ୍ ଚଳାଚଳ କରାଯାଉଛି। ଚାରିଧାମକୁ ସଂଯୋଗ କରିବା ପାଇଁ ଭାରତୀୟ ରେଳବାଇ ପୂର୍ବରୁ ଦୁଇଥର ଭାରତ ଗୌରବ ଡିଲକ୍ସ ପର୍ଯ୍ୟଟନ ଟ୍ରେନ୍ ଚଳାଚଳ କରିସାରିଛି ।

ଏହି ବର୍ଷ, ୧୭ ଦିନିଆ ଚାରିଧାମ ଭାରତ ଗୌରବ ଡିଲକ୍ସ ଯାତ୍ରା ମେ ୨୭ ତାରିଖରେ ଦିଲ୍ଲୀର ସଫଦରଜଙ୍ଗ ରେଳ ଷ୍ଟେସନରୁ ଆରମ୍ଭ ହେବ । ଏହା ଅଧୀନରେ ବଦ୍ରିନାଥ, ମାନା ଗ୍ରାମ, ନରସିଂହ ମନ୍ଦିର, ଜୋଶିମାଥ, ଋଷିକେଶ, ଜଗନ୍ନାଥ ମନ୍ଦିର, ପୁରୀ ବେଳାଭୂମି, କୋଣାର୍କ ସୂର୍ଯ୍ୟ ମନ୍ଦିର, ଚନ୍ଦ୍ରଭଗା ବିଚ୍, ରାମନାଥସ୍ୱାମୀ ମନ୍ଦିର ଏବଂ ଧନୁଶକୋଡି, ରାମେଶ୍ୱରମ୍ ଏବଂ ଦ୍ୱାରକାଲୀଙ୍ଗ, ଜ୍ୟୋତିର୍ଲିଙ୍ଗ ଏବଂ ଭେଣ୍ଟଦ୍ୱାର୍କା ଅନ୍ତର୍ଗତ ଧନୁଶକୋଡି ପରି ସ୍ଥାନଗୁଡିକ ପରିଭ୍ରମଣ କରାଯିବ । ଏହି ଯାତ୍ରାରେ ଯାଉଥିବା ଯାତ୍ରୀମାନଙ୍କୁ ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର, ପୁଣେର ଭୀମାଶଙ୍କର ମନ୍ଦିର ଏବଂ ନାସିକର ତ୍ରୟମ୍ବକେଶ୍ୱର ମନ୍ଦିର ପରିଦର୍ଶନରେ ମଧ୍ୟ ସୁଯୋଗ ଉପଲବ୍ଧ କରାଯିବ ।

୧୭ ଦିନର ଯାତ୍ରା ମଧ୍ୟରେ ସମସ୍ତ ଭକ୍ତ ୮୪୨୫ କିଲୋମିଟର ଯାତ୍ରା କରିବେ। ଏହା ଉଲ୍ଲେଖନୀୟ ଯେ ଭାରତ ଗୌରବ ଡିଲକ୍ସ ଏସି ଟୁରିଷ୍ଟ ଟ୍ରେନରେ ଅନେକ ଆଧୁନିକ ଆରାମଦାୟକ ବୈଶିଷ୍ଟ୍ୟ ଯୋଡାଯାଇଛି ଯେଉଁଥିରେ ଦୁଇଟି ଡାଇନିଂ ରେଷ୍ଟୁରାଣ୍ଟ, ଏକ ଆଧୁନିକ ରୋଷେଇ ଘର ଏବଂ ଗାଧୋଇବା ପାଇଁ କ୍ୟୁବିକ୍ ବାଥରୁମ୍ ଅନ୍ତର୍ଭୁକ୍ତ । ସମସ୍ତ କୋଚରେ ବାୟୋ-ଟଏଲେଟ୍ ସହିତ ଶୌଚାଳୟ ଯୋଗାଇ ଦିଆଯାଇଛି । ଯାତ୍ରୀମାନଙ୍କ ସୁବିଧା ପାଇଁ ପାଦ ମସାଜର ମଧ୍ୟ ଉପଲବ୍ଧ କରାଯାଇଅଛି । ଏହି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଟ୍ରେନରେ ପ୍ରଥମ ଏସି, ଦ୍ୱିତୀୟ ଏସି ଏବଂ ତୃତୀୟ ଏସିରେ ଟିକେଟ ବୁକ୍ କରାଯାଇପାରିବ । ଟ୍ରେନରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ସିସି କ୍ୟାମେରା ଏବଂ ସୁରକ୍ଷାକର୍ମୀଙ୍କ ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଏହି ଟ୍ରେନ୍ ଭାରତୀୟ ରେଳବାଇ କ୍ୟାଟରିଂ ଏବଂ ପର୍ଯ୍ୟଟନ ନିଗମ ମାଧ୍ୟମରେ ପରିଚାଳିତ ହେବ । ଆଇଆରସିଟିସି ୱେବସାଇଟ୍ ମାଧ୍ୟମରେ ମଧ୍ୟ ଟିକେଟ୍ ବିକ୍ରି କରାଯିବ । ଏଥିପାଇଁ ଏକ ପ୍ୟାକେଜ୍ ହାର ସ୍ଥିର କରାଯାଇଛି ଯେଉଁଥିରେ ଯାତ୍ରା ଟିକେଟ୍ ସହିତ ତିନି ତାରକା ହୋଟେଲରେ ରହିବା, ଦିନକୁ ତିନିଥର ଭୋଜନ, ସମ୍ପୂର୍ଣ୍ଣ ଦର୍ଶନୀୟ ସ୍ଥାନ ବ୍ୟବସ୍ଥା, ଯାତ୍ରା ବୀମା ଏବଂ ଟୁର୍ ପରିଚାଳକଙ୍କ ସେବା ଅନ୍ତର୍ଭୁକ୍ତ । ଏହି ଟ୍ରେନରେ ବୁକିଂ ପାଇଁ ୧୫୦ଟି ସିଟ୍ ଉପଲବ୍ଧ ଅଛି ଯାହା ପ୍ରଥମେ ଆସ ପ୍ରଥମେ ସେବା ଆଧାରରେ ବୁକ୍ କରାଯିବ । ଟ୍ରେନ ସମ୍ପର୍କରେ ବିସ୍ତୃତ ସୂଚନା ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନର ୱେବସାଇଟ୍ ଏବଂ ସେମାନଙ୍କର ୱେବ ପୋର୍ଟାଲରେ ଉପଲବ୍ଧ । ଭାରତୀୟ ରେଳବାଇର ସୂଚନା ଏବଂ ପ୍ରଚାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦିଲୀପ କୁମାର କହିଛନ୍ତି ଯେ ଦେଶର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ସଂଯୋଗ କରିବା ଉଦ୍ଦେଶ୍ୟରେ ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ୍ ପରିଚାଳିତ ହେଉଛି । ଏହି ଟ୍ରେନ୍ ଗୁଡିକର ପରିଚାଳନା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ଏବଂ ପର୍ଯ୍ୟଟନ ସ୍ଥଳ ପରିଦର୍ଶନ କରିବା ସହଜ ହୋଇଯାଇଛି।

## ନୂଆଦିଲ୍ଲୀରେ ଡେମୋଗ୍ରାଫିକ କନଟେଷ୍ଟସନ୍ସ ଆଣ୍ଡ ଲେଜିସଲେଟିଭ୍ ପ୍ରୋସେସ୍ ଇନ୍ ଇଣ୍ଡିଆ ପୁସ୍ତକ ଉନ୍ମୋଚିତ

ନୂଆଦିଲ୍ଲୀ/ ୨।୫(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀ ଠାରେ ରାଜ୍ୟସଭାର ଯୁଗ୍ମ ସଚିବ ତଥା ଲେଖକ ଡଃ ରାଘବ ପ୍ରସାଦ ଦାଶଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ଡେମୋଗ୍ରାଫିକ କନଟେଷ୍ଟସନ୍ସ ଆଣ୍ଡ ଲେଜିସଲେଟିଭ୍ ପ୍ରୋସେସ୍ ଇନ୍ ଇଣ୍ଡିଆ' ଉନ୍ମୋଚନ କରିଛନ୍ତି । ଉନ୍ମୋଚିତ ପୁସ୍ତକଟି ଗଣତନ୍ତ୍ରର ବିକାଶରେ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ସଂସଦ ହେଉଛି ଗଣତନ୍ତ୍ରର ଏକ ପ୍ରକୃତ ମନ୍ଦିର, ଯାହାର ବହୁମୁଖୀ ଭୂମିକା ରହିଛି । ଏହା କେବଳ ଆଇନ ପ୍ରଣୟନରେ ସୀମିତ ନୁହେଁ ବରଂ ଲୋକଙ୍କ ସ୍ୱରକୁ ବ୍ୟବସ୍ଥାରେ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରେ । ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଗୃହରେ ପାଦ ରଖିଲି ସେତେବେଳେ ସ୍ୱର୍ଗତ ଅଟଳଜୀଙ୍କଠାରୁ ଏହି କଥା ଶିକ୍ଷା ଲାଭ କରିଥିଲି । ସେହିପରି ପୁସ୍ତକ କେବଳ ବର୍ତ୍ତମାନର ପିଢିକୁ ନୁହେଁ ନୂଆପିଢିକୁ ମଧ୍ୟ ପ୍ରେରିତ କରିଥାଏ । ପୁସ୍ତକ ଭବିଷ୍ୟତ ପିଢ଼ି ପାଇଁ ଜ୍ଞାନର ଭଣ୍ଡାର ମଧ୍ୟ ଅଟେ । ଭାରତର ସଂସଦୀୟ ପ୍ରକ୍ରିୟାକୁ ବୁଝିବାରେ ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଡଃ ଦାଶଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଡଃ ଦାଶଙ୍କ ଦ୍ୱାରା ଲିଖିତ ପୁସ୍ତକ, ଭାରତରେ ଗଣତାନ୍ତ୍ରିକ ପ୍ରତିଦ୍ୱନ୍ଦିତା ଏବଂ ବିଧାୟିକ ପ୍ରକ୍ରିୟା ବିଷୟରେ ଦିଗଦର୍ଶନ ପ୍ରଦାନ କରିବ ।

# କୋଣାର୍କ, ବିଶାଖା ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଂଟରସିଟି ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେସନରୁ ଯାତ୍ରା ପ୍ରାରମ୍ଭ ଓ ଶେଷ କରିବ

ଭୁବନେଶ୍ୱର, ୨।୫(ମହାଭାରତ): ଭୁବନେଶ୍ୱର ନୂତନ ଷ୍ଟେସନରେ ତିନୋଟି ଟ୍ରେନ ପାଇଁ ଟର୍ମିନାଲ ପଏଂଟ ପରିବର୍ତନ କରିବାକୁ ନିଷ୍ପତି ନିଆଯାଇଛି । ପୂର୍ବରୁ ଥିବା ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତେ ଏହି ଟ୍ରେନ ଗୁଡିକ ଭୁବନେଶ୍ୱର ନୂତନ ଷ୍ଟେସନ ଠାରୁ ଯାତ୍ରା ଆରମ୍ଭ କରିବେ। ଏହି ଟ୍ରେନଗୁଡ଼ିକ ହେଉଛି ୧୧୦୨୦/୧୧୦୧୯ ଭୁବନେଶ୍ୱର-ସିଏସଏମଟି ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଏବଂ ୨୨୮୧୯/୨୨୮୨୦ ଭୁବନେଶ୍ୱର-ବିଶାଖାପାଟଣା-ଭୁବନେଶ୍ୱର ଇଂଟରସିଟି ଏକ୍ସପ୍ରେସ ।

୧୧ ମଇ ଠାରୁ ମୁମ୍ବାଇରୁ ଛାଡୁଥିବା ୧୧୦୧୯ ମୁମ୍ବାଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେସନରେ ଏହାର ଯାତ୍ରା ଶେଷ କରିବ। ପୂର୍ବ ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଂଚିବା ପରେ, ଏହି ଟ୍ରେନ ରାତ୍ରି ୧୧ଘ.୫୫ମି.ରେ ଭୁବନେଶ୍ୱର ନୂତନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ରାତ୍ରି ୧୨ଘ.୦୨ମି.ରେ ମଂଚେଶ୍ୱରରେ ପହଂଚିବ ଏବଂ ୧୨ଘ.୦୪ମି.ରେ ଛାଡି ରାତ୍ରି ୧୨ଘ.୨୦ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଂଚିବ। ୧୧୦୨୦ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ୧୨ ମଇ ଠାରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତେ ଅପରାହ୍ଣ ୦୨ଘ.୪୦ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଛାଡିବ। ଏହି ଟ୍ରେନ ଅପରାହ୍ଣ ୦୨ଘ.୪୮ମି.ରେ ମଂଚେଶ୍ୱରରେ ପହଂଚି ଅପରାହ୍ଣ ୦୨ଘ.୫୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଛାଡିବ । ଅପରାହ୍ଣ ୩ ଘଟିକାରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଂଚିବା ପରେ ଏହି ଟ୍ରେନ ପୂର୍ବ ନିର୍ଦ୍ଧାରିତ ସମୟରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ ।

ସେହିପରି, ୧୧ ମଇ ଠାରୁ ସିକନ୍ଦରାବାଦରୁ ଛାଡୁଥିବା ୧୭୦୧୬ ସିକନ୍ଦରାବାଦ-ଭୁବନେଶ୍ୱର ବିଶାଖା ଏକ୍ସପ୍ରେସ ଭୁବନେଶ୍ୱର ନୂତନ ଷ୍ଟେସନରେ ଶେଷ କରିବ । ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନ ଅପରାହ୍ଣ ୪ ଘଟିକାରେ ଭୁବନେଶ୍ୱର ନୂତନ ଷ୍ଟେସନ ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ ଅପରାହ୍ଣ ୪ଘ.୦୪ମି.ରେ ମଂଚେଶ୍ୱରରେ ପହଂଚି ଅପରାହ୍ଣ ୪ଘ.୦ମି.ରେ ଛାଡିବ ଏବଂ ତା'ପରେ ଅପରାହ୍ଣ ୪ଘ.୨୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଂଚିବ।



୧୭୦୧୫ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ୧୨ ମଇ ୨୦୨୫ ଠାରୁ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ପରିବର୍ତେ ପୂର୍ବାହ୍ଣ ୮ ଘଟିକାରେ ଭୁବନେଶ୍ୱର ନୂତନ ଷ୍ଟେସନରୁ ଛାଡିବ। ଏହି ଟ୍ରେନଟି ପୂର୍ବାହ୍ଣ ୦୮ଘ.୦୮ମି.ରେ ମଂଚେଶ୍ୱରରେ ପହଂଚି ପୂର୍ବାହ୍ଣ ୦୮ଘ.୧୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଅଭିମୁଖେ ଯାତ୍ରା କରିବ । ପୂର୍ବାହ୍ଣ ୦୮ଘ.୨୦ମି.ରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନଟି ପୂର୍ବ ନିର୍ଦ୍ଧାରିତ ସମୟ ପୂର୍ବାହ୍ଣ ୦୮ଘ.୪୦ ମି.ରେ ମୁମ୍ବାଇ ଅଭିମୁଖେ ଯାତ୍ରା କରିବ।ଏହା ବ୍ୟତୀତ, ବିଶାଖାପାଟଣାରୁ ଛାଡୁଥିବା ୨୨୮୨୦ ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ୧୨ ମଇ ଠାରୁ ଭୁବନେଶ୍ୱର ନୂତନ ଷ୍ଟେସନରେ ଏହାର ଯାତ୍ରା ଶେଷ କରିବ । ନିର୍ଦ୍ଧାରିତ ସମୟରେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନରେ ପହଞ୍ଚିବା ପରେ ଏହି ଟ୍ରେନଟି ରାତ୍ରି ୧୨ଘ.୧୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନ ଅଭିମୁଖେ ଯାତ୍ରା କରିବ । ଏହି ଟ୍ରେନଟି ରାତ୍ରି ୧୨ଘ.୨୦ମି.ରେ ମଂଚେଶ୍ୱରରେ ପହଂଚି ରାତ୍ରି ୧୨ଘ.୨୨ମି.ରେ ଛାଡିବ ଏବଂ ତା'ପରେ ରାତ୍ରି ୧୨ଘ.୩୫ମି.ରେ ଭୁବନେଶ୍ୱର ନୂତନ ଷ୍ଟେସନରେ ପହଂଚିବ।

# ରେଳବାଇ ଡିଜିଟାଲ୍ ଘଂଟା ଡିଜାଇନ୍ ପ୍ରତିଯୋଗିତା ବିଜେତାଙ୍କୁ ମିଳିବ ୫ ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର, ୨।୫(ମହାଭାରତ): ଭାରତୀୟ ରେଳବାଇ ନୂତନ ଡିଜିଟାଲ୍ ଘଂଟା ଡିଜାଇନ୍ କରିବା ପାଇଁ ଏକ ଦେଶବ୍ୟାପୀ ପ୍ରତିଯୋଗିତା ଘୋଷଣା କରିଛି ଯାହା ଦେଶର ସମସ୍ତ ରେଳ ଷ୍ଟେସନରେ ସ୍ଥାପନ କରାଯିବ । ରେଳବାଇ ସୃଜନଶୀଳ ଲୋକଙ୍କଠାରୁ ଘଂଟା ଡିଜାଇନ୍ ପ୍ରତିଯୋଗିତା ପାଇଁ ଆମନ୍ତ୍ରଣ କରିଛି। ଏହି ପ୍ରତିଯୋଗିତା ପ୍ଲାଟଫର୍ମ ଏବଂ ଷ୍ଟେସନରେ ବ୍ୟବହୃତ ଡିଜିଟାଲ୍ ଘଂଟାକୁ ମାନକୀକରଣ କରିବା ପାଇଁ ଲକ୍ଷ୍ୟ ରଖିଛି ଏବଂ ଏହା ତିନୋଟି ବର୍ଗର ଅଂଶଗ୍ରହଣକାରୀଙ୍କ ପାଇଁ ମୁକ୍ତ ରହିବ ଯେଉଁମାନେ କି ବୃତିଗତ, କଲେଜ/ବିଶ୍ୱବିଦ୍ୟାଳୟ ଛାତ୍ର ଏବଂ ସ୍କୁଲ ଛାତ୍ର । ଜଣେ ଶ୍ରେଷ୍ଠ ବିଜେତା, ଯାହାର ଡିଜାଇନ୍ ଭାରତୀୟ ରେଳବାଇରେ ବ୍ୟବହାର ପାଇଁ ଚୟନ କରାଯିବ ସେ ୫ ଲକ୍ଷର ଟଙ୍କାର ପ୍ରଥମ ପୁରସ୍କାର ପାଇବେ । ଏହା ସହିତ, ତିନୋଟି ବର୍ଗର ପ୍ରତ୍ୟେକଙ୍କ ପାଇଁ ୫୦,୦୦୦ ର ୫ଟି ସାନ୍ତ୍ୱନା ପୁରସ୍କାର ରହିବ । ଅଂଶଗ୍ରହଣକାରୀମାନଙ୍କୁ ମେ ୧ ରୁ ମେ ୩୧ ତାରିଖ ମଧ୍ୟରେ ଅନଲାଇନରେ ସେମାନଙ୍କର ଡିଜାଇନ୍ ଦାଖଲ କରିବାକୁ ପଡିବ।

ଦିଲୀପ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସୂଚନା ଏବଂ ପ୍ରଚାର), ରେଳବାଇ ବୋର୍ଡଙ୍କ ଅନୁଯାୟୀ, ଅଂଶଗ୍ରହଣକାରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କର ମୌଳିକତାର ପ୍ରମାଣପତ୍ର ସହିତ କୌଣସି ୱାଟରମାର୍କ କିମ୍ବା ଲୋଗୋ ବିନା ଉଚ୍ଚ ରିଜୋଲ୍ୟୁସନରେ ଦାଖଲ କରିବାକୁ ପଡିବ। ଅଂଶଗ୍ରହଣକାରୀମାନଙ୍କୁ ଏକାଧିକ ଡିଜାଇନ୍ ଦାଖଲ କରିପାରିବେ ଏବଂ ପ୍ରତ୍ୟେକ ପ୍ରବେଶ ସହିତ ଡିଜାଇନ୍ ପଛରେ ଥିବା ବିଷୟବସ୍ତୁ ଏବଂ ଧାରଣା ବ୍ୟାଖ୍ୟା କରୁଥିବା ଏକ ସଂକ୍ଷିପ୍ତ ଧାରଣା ନୋଟ୍ ରହିବା ଆବଶ୍ୟକ। ଦାଖଲ ହୋଇଥିବା ସମସ୍ତ ଡିଜାଇନ୍ ମୂଳ ହେବା ଜରୁରୀ ଏବଂ କୌଣସି ବୌଦ୍ଧିକ ସମ୍ପତି ଅଧିକାର କିମ୍ବା କପିରାଇଟ୍ ଉଲ୍ଲଂଘନ ନ କରିବା ଆବଶ୍ୟକ। ସ୍କୁଲ ବର୍ଗରେ, ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଯୋଗ୍ୟ ଏବଂ ସେମାନଙ୍କୁ ଏକ ବୈଧ ସ୍କୁଲ ପରିଚୟପତ୍ର ଅପଲୋଡ୍ କରିବାକୁ ପଡିବ। କଲେଜ ବର୍ଗରେ ବର୍ତମାନ ଯେକୌଣସି ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା କଲେଜରେ ନାମ ଲେଖାଇଥିବା ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ । ଅନ୍ୟ ସମସ୍ତେ ବୃତିଗତ ବର୍ଗ ଅଧୀନରେ ରହିବେ।

# ତୁରନ୍ତ ବରି ବିଧାୟକଙ୍କୁ ଗିରଫ କରାଯାଉ: ଯୁବ କଂଗ୍ରେସ

ଭୁବନେଶ୍ୱର, ୨।୫(ମହାଭାରତ): ବରି ବ୍ଲକର ସହକାରୀ କାର୍ଯ୍ୟକର୍ତା ଅମର କୁମାର ନାୟକ ଜଣେ ଦଳିତ ବର୍ଗର ତାଙ୍କୁ ବରି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ବ୍ଲକ ପରିସର ଭିତରେ ଏବଂ ବିଡିଓଙ୍କ ସମ୍ମୁଖରେ ମରଣାନ୍ତକ ଆକ୍ରମଣ କରିଛନ୍ତି । ବିଧାୟକ ତାଙ୍କୁ ଜୀବନରୁ ମାରିଦେବା ପାଇଁ ମଧ୍ୟ ଧମକ ଦେଇଛନ୍ତି । ତେଣୁ ତୁରନ୍ତ ବିଧାୟକଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛି ଯୁବ କଂଗ୍ରେସ ।

ଆଜି ଯାଜପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଅଭିଯୋଗ କରିଥିଲେ ଯେ ବିଜେପି ସରକାରରେ ରାଜ୍ୟରେ ଦୁଇଟି ଆଇନ ଚାଲିଛି । ଗୋଟିଏ ସାଧାରଣ ଜନତାଙ୍କ ପାଇଁ ଆଉ ଗୋଟିଏ ପ୍ରତିଷ୍ଠିତ ବ୍ୟକ୍ତି ମାନଙ୍କ ପାଇଁ । ରାଜ୍ୟପାଳଙ୍କ ପୁଅ ପୁରୀ ରାଜଭବନରେ ଜଣେ କର୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଏବଂ ମାରିଦେବାକୁ ଉଦ୍ୟମ କରି ମଧ୍ୟ ଖସିଯାଇଛନ୍ତି । ପୋଲିସ ସେହି ଅପରାଧୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲା ନାହିଁ । ଭରତପୁର ଥାନା (ଭୁବନେଶ୍ୱର)କୁ ଅଭିଯୋଗ କରିବାକୁ ଯାଇଥିବା ମହିଳାଙ୍କୁ ଥାନା କର୍ମଚାରୀ ନିର୍ଯ୍ୟାତନା ଦେଇଥିଲେ । ଗତ ମାର୍ଚ୍ଚ ୨୭ରେ କଂଗ୍ରେସ ଦଳ ପକ୍ଷରୁ ନାରୀ ନ୍ୟାୟ ପାଇଁ ଲୋୟର ପିଏମଜିରେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ ହେଉଥିଲା ପୋଲିସ ସେଠାରେ ବିଜେପି ଦଳର ଗୁଣ୍ଡା ସାଜି କଂଗ୍ରେସ କର୍ମୀମାନଙ୍କୁ ମରଣାନ୍ତକ ଆକ୍ରମଣ କଲା, ପାଣିମାଡ଼ କଲା, ଢେଲାମାଡ଼ କଲା, ରବର ବୁଲେଟ ମାଡ଼କଲା, ଟିୟର ଗ୍ୟାସ ମାଡ଼କଲା ଏବଂ ଲାଠିମାଡ଼ କରି ଲହୁଲୁହାଣ କଲା । ମିଥ୍ୟା ଅଭିଯୋଗରେ ବହୁ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ କର୍ମୀମାନଙ୍କୁ ଛନ୍ଦି ଦିଆଯାଇଛି, ଜେଲରେ ମଧ୍ୟ ଭତି କରାଯାଇଛି ।

ପୋଲିସ ନିଜର ବିଶ୍ୱସନୀୟତା ପାଇଁ ଏବଂ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ସୁରକ୍ଷା ପ୍ରସଙ୍ଗକୁ ଦୃଷ୍ଟିକୁ ନେଇ ତୁରନ୍ତ ବରି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସାମଲ ଦାବି କରିଛନ୍ତି ।

# ଏସସି ଏସଟି ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର, ୨।୫(ମହାଭାରତ):-ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ୍ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନାର ସଫଳ ତଦାରଖ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବାକୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରି ପରାମର୍ଶ ଦେଇଛନ୍ତି। ଶୁକ୍ରବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହି ପରାମର୍ଶ ଦେଇଛନ୍ତି।

ପେସା ଆକ୍ଟ, ଜଙ୍ଗଲ ଅଧିକାର ଆଇନ ଏବଂ ଏହା ସହ ଜଡିତ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ବିଭିନ୍ନ ବିଭାଗର ସଂପୃକ୍ତି ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, "ଏକ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ ହେଲେ ଉତମ ସମନ୍ୱୟ, ମିଳିତ ଯୋଜନା ସହିତ କାର୍ଯ୍ୟାନ୍ୱୟନ ଫଳରେ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରିବ। ଜନଜାତି ପରାମର୍ଶଦାତା ପରିଷଦ, ଲଘୁ ଜଙ୍ଗଲଜାତ ଦ୍ରବ୍ୟ ପାଇଁ ମୂଲ୍ୟାୟନ ଏବଂ ବଜାର ସଂଯୋଗ, ଜାତୀୟ ଅନୁସୂଚିତ ଜନଜାତି କମିଶନ, ଜଙ୍ଗଲ ଅଧିକାର ଆଇନ୍, ପେସା ଆକ୍ଟ, ପଭିଟିଜି ସଶକ୍ତିକରଣ ଏବଂ ଜୀବିକା ଉନ୍ନତି ଅନ୍ତର୍ଗତ କାର୍ଯ୍ୟକ୍ରମ / ଯୋଜନାର ସ୍ଥିତି ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ସହିତ ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଗ୍ରାମ ଯୋଜନା, ପିଏମ୍-ଜନମନ ଏବଂ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ।

ରାଜ୍ୟରେ ପେସା ଆକ୍ଟର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ବିଧି ଅନୁଯାୟୀ ଜନଜାତି ପରାମର୍ଶ ଦାତା ପରିଷଦ ବୈଠକ ନିୟମିତ ଡକାଇବା ପାଇଁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଯଥାସମୟରେ ବିଭାଗର ବାର୍ଷିକ ରିପୋର୍ଟ ଦାଖଲ, ପାଣ୍ଠି ବିନିଯୋଗରେ ଉନ୍ନତି ଆଣି ଶତ ପ୍ରତିଶତ ପାଣ୍ଠି ବିନିଯୋଗ କରିବା ପାଇଁ ଯତ୍ନବାନ ହୋଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସଂପୃକ୍ତ କର୍ତୃପକ୍ଷଙ୍କୁ କହିଥିଲେ। ଜନଜାତି ଶିକ୍ଷା ସହିତ ଜଡିତ ପ୍ରସଙ୍ଗ, ଛାତ୍ର /ଛାତ୍ରୀ ନିବାସର ଭିତିଭୂମି/ ଛାତ୍ରବୃତି, ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ଜନଜାତି ଅଧ୍ୟୁଷିତ ଅଂଚଳରେ ମୋବାଇଲ ଟାୱାର ନେଟୱାର୍କ ସଂପର୍କରେ ରାଜ୍ୟପାଳ ସମୀକ୍ଷା କରିବା ସହିତ କୋରାପୁଟ କଫି ପାଇଁ ବଜାର ସଂଯୋଗ ଏବଂ ଶିମିଳିପାଳ ଜୈବ ମଣ୍ଡଳର ସ୍ଥିତି ସଂପର୍କରେ ପଚାରି ବୁଝିଥିଲେ।

ଏହି ବୈଠକରେ ଗୃହ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂହ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ ରାଜପୁତ୍, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ନିର୍ଦ୍ଦେଶକ ଡା. ପୋମା ଟୁଡୁ, ଅତିରିକ୍ତ ସଚିବ ନାରାୟଣ ଚନ୍ଦ୍ର ଧଳ, ନିର୍ଦ୍ଦେଶକ ଲକ୍ଷଣ କୁମାର ମଲ୍ଲିକ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ.ଏନ୍., ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ଏସ୍.ଆଇ.ଆର.ଡି ନିର୍ଦ୍ଦେଶକ ଏସ୍.କେ.ମୀନାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।


# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା


ଶନିବାର, ୩ ମଇ, ୨୦୨୫



## ନିୟମକୁ ଖୋଲା ଚ୍ୟାଲେଞ୍ଜ: ରାସ୍ତା କଡରେ ଚାଲିଛି ଇଟା ପୋଡ଼ା

ଆସିକା, (ମହାଭାରତ) : ସରକାରୀ ନିୟମକୁ ଖୋଲା ଚ୍ୟାଲେଞ୍ଜ କରି ସରକାରୀ ଜାଗାରେ ରାସ୍ତା କଡରେ ଚାଲିଛି ଇଟା ଭାଟି ପୋଡା ।ଆସିକା ତହସିଲ ଅନ୍ତର୍ଗତ ବରଗା ଠାରୁ ପଡାଳ ଯିବା ରାସ୍ତା କଡରେ ଇଟାଭାଟି ପୋଡା ହେଉଛି । ରାସ୍ତା କଡରେ ଇଟା ପ୍ରସ୍ତୁତ କରି ଭାଟି ପୋଡିବା ସହିତ ସରକାରୀ ଜାଗାକୁ ମାଡି ବସିଛନ୍ତି ଜୈନିକ ଇଟାଭାଟି ମାଲିକ । ଗୋଟିଏ ପଟେ ବ□ମାନର ଶାସିତ ସରକାର ସରକାରୀ ଜାଗାରେ କୌଣସି ପ୍ରକାର ଜବରଦଖଲ ବରଦାସ୍ତ କରାଯିବନି ବୋଲି ଡିଣ୍ଡିମ ପିଟୁଥିବା ବେଳେ ଏଠାରେ ତାର ଖୋଲା ଖୋଲି ଉଲଂଘନ ହୋଇଛି ।କାହା ଅନୁମତିରେ ଦୀର୍ଘ ବର୍ଷ ହେଲା ସରକାରୀ ଜାଗା ଜବରଦଖଲ କରି ଇଟା ଭାଟି ନିର୍ମାଣ ହୋଇଛି ବୋଲି ଅ*ଳ ବାସୀ ଙ୍କ ମନରେ



ବର୍ତ୍ତମାନ ପ୍ରଶ୍ନ ? ବିଶେଷ କରି ବରଗାଁ ଠାରୁ ପଡାଳ ଯିବା ବାଟରେ ରାସ୍ତା କଡ଼କୁ ଲାଗି ଇଟାଭାଟି ତିଆରି କରି ଇଟା ପୋଡିବା ଫଳରେ ସେଥିରୁ ଉଡୁଥିବା ଧୂଳି ଧୂଆଁ ଯୋଗୁଁ ପରିବେଶ ପ୍ରଦୂଷଣ ଦିନକୁ ଦିନ ବଢିବାକୁ ଲାଗିଛି । ଦୈନିକ ଉକ୍ତ ରାସ୍ତା ଦେଇ ହଜାର ହଜାର ଜନସାଧାରଣ ଠୁ ଆରମ୍ଭ କରି ସ୍କୁଲ କଲେଜ ଛାତ୍ର ଛାତ୍ରୀ, ବୃଦ୍ଧ୍ବା ଯିବା ଆସିବା କରିବା ସମୟରେ ଧୂଳି ଧୂଆଁ ଯୋଗୁଁ ଅତିଷ୍ଠ ହୋଇଗଲେଣି ।ପ୍ରଦୂଷଣ ବଢିବା କାରଣରୁ ସ୍ଥାନୀୟ ଜନସାଧାରଣଙ୍କ ତୀବ୍ର ପତିକ୍ରିୟା ସୃଷ୍ଟି କଲାଣି ।ସରକାରୀ ନିୟମ ଅନୁଯାୟୀ ମାଟି ନିର୍ମିତ ଇଟା ସପୂର୍ଣ ବ୍ୟାନ କିନ୍ତୁ ଏଠାରେ କାହା ଅନୁମତିରେ ଏହି ଇଟା ଭାଟି ନିର୍ମାଣ ହୋଇଛି ? ସ୍ଥାନୀୟ ପ୍ରଶାସନ, ପରିବ୍ଶ ପ୍ରଦୂଷଣ ବୋର୍ଡ, ଗ୍ରୀନ ଟ୍ରିବୁନାଲ କଣ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି ।ସ୍ଥାନୀୟ ପ୍ରଶାସନ ପକ୍ଷରୁ ଅତି ଶୀଘ୍ର ଏହି ଇଟା ଭାଟିକୁ ବନ୍ଦ ନକରାଯାଏ ତେବେ ଆଗାମୀ ଦିନରେ ଏହାର ପ୍ରତିବାଦରେ ଜନସାଧାରଣ ରାଜରାସ୍ତା କୁ ଓଲହାଇବାକୁ ପ୍ରସ୍ତୁତି କରୁଥିବା ଶୁଣିବାକୁ ମିଳୁଛି ।

## 'ପରିକ୍ରମା' ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ

ରାଇରଙ୍ଗପୁର, (ମହାଭାରତ) : ଅଗ୍ରଣୀ ସାମାଜିକ -ସାଂସ୍କୃତିକ ଅନୁଷ୍ଠାନ 'ପରିକ୍ରମା' ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଜନ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଈଶାନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଦୁର୍ଯ୍ୟୋଧନ ବେହେରାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂଆକରି ଯୋଗଦେଇଥିବା ନିର୍ବାହୀ ଯନ୍ତ୍ରୀ ସଞ୍ଜିତ କୁମାର ନାଏକଙ୍କୁ ସ୍ୱାଗତ କରାଯାଇଥିଲା । ଉଭୟ ଯନ୍ତ୍ରୀଙ୍କୁ ଫୁଲମାଳ, ଉତରୀୟ, ସମ୍ବର୍ଦ୍ଧନା ପତ୍ର, ପ୍ରୀତି ଉପହାର ଓ ଗୋଟିଏ ଲେଖାଏଁ ବଉଳ ଗଛ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଦାୟୀ ଯନ୍ତ୍ରୀ ଇଂ. ଦୁର୍ଯ୍ୟୋଧନ ବେହେରା ଅତି ଭାବବିହ୍ୱଳ ଭାବେ ତାଙ୍କ କର୍ମଶୈଳୀ ସମ୍ପର୍କରେ ଉଲ୍ଲେଖ କରି ଅଂଚଳର ଯୋଗାଯୋଗ ବିକାଶ ପାଇଁ ଜଣେ ଦାୟିତ୍ୱବାନ ଯନ୍ତ୍ରୀଙ୍କୁ କିଭଳି କାର୍ଯ୍ୟ କରିବାକୁ ପଡିଥାଏ, ଅତି ପ୍ରାଞ୍ଜଳ ଭାବେ କହିଥିଲେ । ପରିକ୍ରମାର ଏଭଳି ନିଆରା କାର୍ଯ୍ୟକ୍ରମର ଭୂୟସୀ ପ୍ରସଂଶା କରିବା ସହ ଅନୁଷ୍ଠାନକୁ ନିଜର ଶୁଭକାମନା ଜଣେଇଥିଲେ । ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସ ସ୍ୱାଗତ ଭାଷଣ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସମ୍ପାଦକ ସୁବାସ ମଣ୍ଡଳ ବିଦାୟୀ ଯନ୍ତ୍ରୀଙ୍କର ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେବିଭାଗୀୟ ଅଧିକାରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପରୀକ୍ରମାର ବରିଷ୍ଠ ସଦସ୍ୟ ଡ. ଦିଗମ୍ବର ଗିରି ବିଦାୟୀ ଓ ନୂଆ ଯନ୍ତ୍ରୀଙ୍କ ଉଦେଶ୍ୟ ରେ ଦୁଇଟି କବିତା ପାଠ କରିଥିଲେ । ପରିକ୍ରମା ର ସଂଯଜକ ରଞ୍ଜନ ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ ସାମ୍ବାଦିକ ଖୁଦିରାମ ମହାନ୍ତି, ସତ୍ୟନାରାୟଣ ପାଲ, ସୁଜିତ ପଟ୍ଟନାୟକ, ଶକ୍ତିକାନ୍ତ ଦାସ, ଜିତେନ୍ଦ୍ର ଅଗ୍ରବାଲ,ବିମଳ ମହାନ୍ତି, ଝୁଲୁ ଖୁଟିଆ, ହିର ଗିରି, ବିଶ୍ୱ ରଞ୍ଜନ ପାଲ, ତିମିର ରଞ୍ଜନ ପଣ୍ଡା, ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଚାର ନିମନ୍ତେ ସଚେତନତା ଶିବିର

ଦଶପଲ୍ଲା, (ମହାଭାରତ): କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପଦକ୍ଷେପ ମାନ ଗରିବ, ଅସହାୟ, ଦିବ୍ୟାଙ୍ଗ ଲୋକଙ୍କ ଉଦେଶ୍ୟ ରେ ଯୋଜନା ମାନ ପ୍ରଣୟନ କରୁଛନ୍ତି । କେନ୍ଦ୍ର ସରକାର ତଥା ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ କଲ୍ୟାଣ ବଯୋଜନା ମାନ ଲୋକଙ୍କ ପାଇଁ ଗ୍ରହଣ କରୁଛନ୍ତି । ମୋଦିଜୀଙ୍କ ଆହ୍ୱାନ କ୍ରମେ ଦେଶରେ କୌଣସି ଗରିବ ବାସହୀନ ରହିବେ ନାହିଁ । ସମସ୍ତ ଗରିବ, ଅସହାୟ, ଦିବ୍ୟାଙ୍ଗ ଜନ ଖଣ୍ଡିଏ ଘର ନ ଥାଇ ବାହାରେ ରହିବେ ନାହିଁ । ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହୋଇଛି । ଓଡିଶା ରେ ନୂତନ ଭାବେ ବିଜେପି ସରକାର ତଥା ମୋହନ ସରକାର ମଧ୍ୟ ଏହି ଗରିବ, ଅସହାୟ, ଦିବ୍ୟାଙ୍ଗ ଜନଙ୍କ ପାଇଁ ଏହି ଅନ୍ତୋଦୟ ଗୃହ ଯୋଜନା ପ୍ରଣୟନ କରିଛନ୍ତି । ତେବେ ଏଥିରେ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡି, ହାତୀ ଉପଦ୍ରବ, ବନ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାର କୁ ଏଥିରେ ଅଗ୍ରାଧିକାର ଦିଆଯାଇଛି । ଏନ ଏ ସି ଏବଂ ପ୍ରତି ପଂଚାୟତ ରେ ଯୋଗ୍ୟ ହିତାଧିକାରୀ ଏଥିପାଇଁ ଦରଖାସ୍ତ ଆବେଦନ କରିବେ । ଏ ଅବସରରେ ଦଶପଲ୍ଲା ଏନ ଏ ସି ପରିସରରେ ଏହି କାର୍ଯ୍ୟକ୍ରମ ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏ ସମୟରେ ଦଶପଲ୍ଲା ଏନ ଏ ସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦଳବେହେରା,ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ସମସ୍ତ କାଉନ ସିଲର ଓ ଅନ୍ୟ ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଉଦଯାପିତ



ସାଲେପୁର, (ମହାଭାରତ) : ସାଲେପୁର ସ୍ଥିତ ମା ସାହେଶ୍ୱରୀ ବ୍ଲକ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱର ଓ କଟକ ବାରବାଟୀ କ୍ଲବ ମଧ୍ୟରେ ଚିତାକଷକ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଚମ୍ପିୟାନ ଟିମକୁ ନଗଦ୧୦୦୦୦ହଜାର ଓ ରନରସପ ଟିମକୁ ୭୦୦୦ ନଗଦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । କ୍ଲବ ପୂର୍ବତନ ସଭାପତି ମିହିର କୁମାର ଜେନାଙ୍କ ସଭାପତିତ୍ୱରେ ଅତିଥି ଭାବେ ଏ,ଡି,ଏମ ଶିବ ଟୋପ, ଓଡିଶା କବାଡି ଆସୋସିଏସନ ସଭାପତି ଅଜୟ ବେହେରା, ପୂର୍ବତନ କବାଡି ଖେଳାଳି ପାର୍ଥବିର ଭୂୟାଁ, ଏମ,ଡି ଅଖମଲ, ବସନ୍ତ କର ପ୍ରମୁଖ ଯୋଗଦେଇଥିଲେ । ବରିଷ୍ଠ ସଭ୍ୟ ପ୍ରସଶ୍ନ କୁମାର ମଲ୍ଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ।ଏହି କବାଡି ଟୁନାମେଟରେ ବିଭିନ୍ନ ଜିଲ୍ଲାରୁ ୮ଟିମ ଭାଗନେଇଥିଲେ । ଏହି ଖେଳକୁ ପୃଥିବରାଜ ପଟ୍ଟନାୟକ, ସରୋଜ କୁମାର ସେଠୀ, କେ ମାଦଳ ରାଓ,ରୁପୁନ କୁମାର ମଲ୍ଲିକ, ସତ୍ୟପ୍ରକାଶ ଦାଶ, ବିଦୁ ଭୂଷଣ ପାଲ, ହିମାଂଶୁ ଶେଖର ଜେନା,ବିଷ୍ଣୁ ପ୍ରକାଶ ସାହୁ, ମହେଶ କୁମାର ପଟ୍ଟନାୟକ, ଦେବୀ ପ୍ରଶାଦ ଦାସ, ସାନନ୍ଦ ଭୋଇ,ରତ୍ନାକର ସାହୁ,ସଦାନନ୍ଦ ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।କ୍ଲବର ସମ୍ପାଦକ ଶ୍ରୀପତି ନାରାୟଣ ଷଡଙ୍ଗୀ, ନନ୍ଦକିଶୋର ଭୂୟାଁ, ନବକିଶୋର କର, ଗୋପବନ୍ଧୁ ଭୂୟାଁ, ସୌମ୍ୟରଂଜନ ମଲ୍ଲ,ସୁରେନ୍ଦ୍ର ବେହେରା, କମଳା କାନ୍ତ ପତି, ଗୋପାଳକୃଷ୍ଣ ଭୂୟାଁ, ଶଙ୍କର କାଣ୍ଡି,ଚନ୍ଦନ କୁମାର ସାମଲ, ମଦନମୋହନ ସାହୁ,ବବୁଲ କାଣ୍ଡି, ଅନୁପମଗୌରବ ଦାସ,ବିଶ୍ୱଜୀତ ପତି, ସୁଶାନ୍ତ କୁମାର ଭୂୟାଁ, ଦେବୁନା ବେହେରା, ଦିପକ ଜେନା, ଦିପକ କୁମାର ସ୍ୱାଇଁ, ଶୁଶୁଲି ଶତପଥି, ପ୍ରକାଶ ସାମଲ୍ଲ ପ୍ରମୁଖ ଏହି ଖେଳକୁ ସହଯୋଗ କରିଥିଲେ ।

## ଆସିକା ଚିନି କାରଖାନା ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳନ

ଆସିକା, (ମହାଭାରତ) : ଆସିକା ଚିନି କାରଖାନା ଶ୍ରମିକ ସଂଘ ଏଆଇଟିୟୁସି ଅଫିସ ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ସଂଘ କାର୍ଯ୍ୟାଳୟ ଆଗରେ ବରିଷ୍ଠ ସାଥୀ ପି ରଘୁନାଥ ପାତ୍ର ଏଆଇଟିୟୁସି ପତକା ଉତୋଳନ କରିବା ସହ, ଲାଲ ସଂଗୀତ ପରିବେସଣ କରିଥିଲେ । ଶ୍ରମିକ ମାନଙ୍କ ସ୍ୱାର୍ଥରେ ବିଭିନ୍ନ ଶ୍ଲୋଗାନ ଦିଆଯାଇଥିଲା । ସଙ୍ଘ ସଭାଗୃହରେ ଶ୍ରମିକ ଦିବସ ଅବସରରେ ସାଥୀ ଉପସଭାପତି ଅନ୍ତର୍ଯ୍ୟାମି ନାହାକର ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ଏଥିରେ ସାଥୀ ବିଦେଶି ନାହାକ ସଭାର ଉପଦେଷ୍ଟା, ସାଥୀ ପ୍ରଦୀପ ସେଠୀ ଉପସଭାପତି, ସାଥୀ ରାଜେନ୍ଦ୍ର ଦାସ,ଜିଲ୍ଲା ଏଆଇଟିୟୁସି ସହ-ସମ୍ପାଦକ ଉଦବୋଧନ ଦେବା ସଙ୍ଗେ ସଙ୍ଗେ ଶ୍ରମିକ ମାନେ ସଂଘଠିତ ହୋଇ ସଗ୍ରାମ କରି ନ୍ୟାର୍ଯ୍ୟ ଦାବି ହାସଲ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସଭାରେ ସମ୍ପାଦକ ଶିବରାମ ରାଉଳ, ସହ ସମ୍ପାଦକ ନାଗେଶ୍ୱର ରେଡ୍ଡୀ, ସହ ସମ୍ପାଦକ କୈଳାଶ ଚନ୍ଦ୍ର ପଟ୍ଟନାୟକ, ରଜତ କୁମାର ପ୍ରଧାନ, ସୁବାଷ ଚନ୍ଦ୍ର ପାତ୍ର, ଅର୍ଜୁନ ପାତ୍ର, ତ୍ରିଲୋଚନ ନାୟକ, କପିଳେଶ୍ୱର ଜେନା, ଟୁନା ବିଶ୍ୱାଳ, ଲିଙ୍ଗରାଜ ମହାନ୍ତି, ତ୍ରିନାଥ ବେହେରା, ପ୍ରିୟ ବ୍ରତ ପାତ୍ର, ପ୍ରଶନ୍ନ କୁମାର ବିଷୋୟୀ ଓ ଅନ୍ୟା ସାଥୀମାନେ ଉପସ୍ଥିତ ରହି ସଭାକାର୍ଯ୍ୟକୁ ସଫଳ କରିବା ସଙ୍ଗେ ସଙ୍ଗେ ସଭାପତିକୁ ଧନ୍ୟବାଦ ଦାଇ ସଭାକାର୍ଯ୍ୟକୁ ସାଙ୍ଗ କରିଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

ନବରଙ୍ଗପୁର, (ମହାଭାରତ) : ଆଜି ପାପଡ଼ାହାଣ୍ଡି ପଂ*ାୟତ ସମିତି ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଶ୍ରମିକମାନଙ୍କୁ ନେଇ ଆନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ଏକ ଆଇନ ସଚେତନା ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର, ସଚିବ ଶ୍ରୀମତୀ ସାଇ ଅଭୀପ୍ସା ଗୋଛାୟତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ଅଣସଂଗଠିତ କ୍ଷେତ୍ର ଶ୍ରମିକଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ସହାୟତା ଯଥା ସର୍ବନିମ୍ନ ମଜୁରି ,ଶିଳ୍ପ ବିବାଦ କାରଖାନା କାର୍ଯ୍ୟ ଏବଂ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ସମ୍ବନ୍ଧୀୟ ଯୋଜନା ସମ୍ପର୍କରେ ବୁଝାଇଥିଲେ ଓ ଶ୍ରମିକଙ୍କ ପାଇଁ ଥିବା ବିଭିନ୍ନ ଆଇନ ଏବଂ ତାହାର କିପରି ଭାବେ ପ୍ରଣୟନ ହୋଇଥିଲା ସେ ନେଇ ଆଲୋକପାତ କରିଥିଲେ । ଅନ୍ୟାନ୍ୟ ଅତିଥି ରୂପେ ସହାୟକ ଶ୍ରମ ଅଧିକାରୀ ଶ୍ରୀ ସଂଗ୍ରାମ ଭୂୟାଁ, ବ୍ଲକ ଭାଇସ ଚେୟାରମ୍ୟାନ ଶ୍ରୀ ସୁଶାନ୍ତ କୁମାର ବେହେରା,



ବ୍ଲକ ସୋସିଆଲ ସିକିଉରିଟି ଅଫିସର ଶ୍ରୀ ସୁବ୍ରତ କିଶାନ, ଶ୍ରୀ ରାଜ କିଶୋର ନାଗ, ଉପ ମୁଖ୍ୟ ଆଇନ ସହାୟତା ପରାମର୍ଶଦାତା ପ୍ରମୁଖ ଯୋଗ ଦେଇଥିଲେ ଓ ଶ୍ରମିକଙ୍କ ପାଇଁ ଥିବା ବିଭିନ୍ନ ସହାୟତା ବିଷୟରେ ଅବଗତ କରାଇଥିଲେ । ଶେଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ  ସାଇ ଅଭୀପ୍ସା ଗୋଛାୟ ଅଣ ସଂଘଠିତ ଶ୍ରମିକ କାଡ ବ୍‌ନ କରଥିଲେ । ଏହି ଶିବିରରେ ଓଡିଶା ଅଣସଂଗଠିତ ସାମାଜିକ ସୁରକ୍ଷ୍ୟା ବୋର୍ଡ ଅଧୀନରେ ୩୦ଜଣଙ୍କୁ ଅଣସଂଗଠିତ ଶ୍ରମିକ ପରିଚୟ ପତ୍ର, ମୃତ୍ରୁ କାଳୀନ ସହାୟତା ବାବଦକୁ ୭ଜଣ ହିତାଧିକାରୀଙ୍କୁ ମୋଟ ଟଙ୍କା ୧୪ ଲକ୍ଷର ସହାୟତା, ଅନ୍ତିମ ସଂସ୍କାର ବାବଦକୁ ୩ ଜଣ ହିତାଧିକାରୀଙ୍କୁ ମୋଟ ୧୫ ହଜାରେ ଟଙ୍କା, ବିବାହ ସହାୟତା ବାବଦକୁ ୧୦ ଜଣ ହିତାଧିକାରୀଙ୍କୁ ମୋଟ ୫ ଲକ୍ଷର ସହାୟତା ଟଙ୍କା, ମାତୃତ୍ୱ ସୁବିଧା ବାବଦକୁ ୩ ଜଣ ହିତାଧିକାରୀଙ୍କୁ ମୋଟ ୩୦ ହଜାରେ ଟଙ୍କା, ଶିକ୍ଷା ଲାଭ ବାବଦକୁ ୭ଜଣ ହିତାଧିକାରୀଙ୍କୁ ମୋଟ ୩୫ ହଜାରେ ସହାୟତା ଟଙ୍କା ପ୍ରଦାନ କରାଯାଇଥିଲା । ଏହି ସଚେତନତା ଶିବିରରେ ଆଇନଜୀବି ଶ୍ରୀ ରାଜ କିଶୋର ନାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରଯାଇଥିଲା ।

## ମାନବିକ ଅଧିକାର ସଚେତନତା କାର୍ଯ୍ୟକ୍ରମ

ଦଶପଲ୍ଲା, (ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ଗୋବିନ୍ଦ ଭବନ ପରିସରରେ ମାନବିକ ଅଧିକାର ସମ୍ବନ୍ଧୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ମୁଖ୍ୟ ଅତିଥି ଭାବେ ଜଷ୍ଟିସ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଦୌରା ଜଜ ଶରତ ଚନ୍ଦ୍ର ମିଶ୍ର ଯୋଗ ଦେବା ସହ ଦଶପଲ୍ଲା ଓକିଲ ସଘଂ ର ସଭାପତି ସୁଶାନ୍ତ




କୁମାର ପାତ୍ର, ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଜଜ ଆନନ୍ଦ ଚନ୍ଦ୍ର ମହାରଣା ଉପସ୍ଥିତ ଥିଲେ । ସମ୍ପାଦକ ଅତିଥି ମାନଙ୍କ ପରିଚୟ କରାଇଥିଲେ । ପ୍ରଥମେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇଥିଲା । ସମ୍ବିଧାନ ପ୍ରଣେତା ଡ. ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତି ନିକଟରେ ଦ୍ୱୀପ ପ୍ରଜ୍ୱଳନ ଓ ଧୂପ ପୁଷ୍ପ ଅତିଥି ମାନଙ୍କ ଦ୍ୱାରା କରାଯାଇଥିଲା । ଏ ଅବସରରେ ଜନସାଧାରଣଙ୍କୁ ନିଜର ଅଧିକାର, ଅନୁସୂଚିତ ଜାତି, ଜନଜାତି ଓ ମହିଳାଙ୍କ ନିମିତ ଆଇନ ର ସଚେତନତା ପୂର୍ବକ ଅତିଥି ମାନେ ନିଜ ନିଜ ର ଉକ୍ତି ରଖିବା ସହିତ ଆଇନ ଗତ କାର୍ଯ୍ୟକ୍ରମ ରେ ଜିଲ୍ଲା ର ଜିଲ୍ଲାପାଳ କିମ୍ବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯୋଗ ଦେଇ ନ ଥିବାରୁ ମୁଖ୍ୟ ଅତିଥି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ନିଜର କ୍ଷୋଭ ପ୍ରକାଶ କରିଥିଲେ । ଏଥିସହିତ ବରିଷ୍ଠ ଓକିଲ ଗୌରଚନ୍ଦ୍ର ମିଶ୍ର, ମନୋରଞ୍ଜନ ମିଶ୍ର, ଆଲୋକ ସେନାପତି, ମାନସ କୁମାର ମହାକୁଡ଼, ପ୍ରମୋଦ କୁମାର ସାହୁ, କୃଷ୍ଣଚନ୍ଦ୍ର ଦାଶଙ୍କ ସହଯୋଗ ରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା ।

## ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ

ଦେବଗଡ଼, (ମହାଭାରତ) : ଆଜି ପବିତ୍ର ଅକ୍ଷୟ ତୃତୀୟ ଦିବସ ଅବସରରେ ରିଆମାଳ କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ତଥା ଅକ୍ଷୟ ତୃତୀୟା ପାଳିନ ସମାରୋହ ଏବଂ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ରେ ଦିବସର ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ରୋମା* ରଞ୍ଜନ ବିଶ୍ୱାଳ, ସଭାପତି ଜିଲ୍ଲାପାଳ କ୍ୱିନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ମାନ୍ୟବର ସାଂସଦ ସମ୍ବଲପୁର ପ୍ରତିନିଧି ଅରୁଣ କୁମାର ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଯୋଗଦେଇ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ପରେ ପରେ କଲ୍ୟାଣ ମଣ୍ଡପ ଠାରେ ସାଧାରଣ ସଭା କାର୍ଯ୍ୟକ୍ରମ ରେ ଯୋଗଦେଇ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଦ୍ୱାରା ସି ଏମ କିଶାନ ସହାୟତା ରାଶି ପ୍ରଦାନର ସିଧା ପ୍ରସାରଣ ଓ ୟୁ ଏ ଟି ବରମୁଣ୍ଡା ଭୁବନେଶ୍ୱର ଠାରୁ ପ୍ରସାରଣ କରାଯାଇଥିଲା । ଆଜିର ଦିନରେ ଚାଷୀ ଭାଇ ମାନେ ଧାନ ବୁଣିବେ ଏବଂ ଆମ୍ଭ ମାନଙ୍କୁ ବର୍ଷକ ପର୍ଯ୍ୟନ୍ତ ଆହାର ଯୋଗାଇଦେବେ । ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ଭାରତ ଭାବେ ଗଢିତୋଳିବାକୁ ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଭାରତକୁ ଚାରୋଟି ଶ୍ରେଣୀରେ ବିଭକ୍ତ କରିଛନ୍ତି । ଯେଉଁଥିରେ କୃଷକ ସଶକ୍ତିକରଣ ଅନନ୍ୟ ଅଟେ । ବିକଶିତ ଭାରତ ଗଠନ କରିବାକୁ ହେଲେ ପ୍ରଥମେ ଚାଷୀ ଭାଇଙ୍କୁ ସୁଦୃଢ କରିବାକୁ ପଡ଼ିବ ଏବଂ କୃଷିକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ । କୃଷକ ମାନଙ୍କ ନିମିଲ ପ୍ରଣୀତ ସମସ୍ତ ସରକାରୀ ଯୋଜନା ତୃଣମୂଳ ସ୍ତରରେ ପହଁଂବା ଦରକାର ଏବଂ ଚାଷୀ ଭାଇମାନଙ୍କ ପାଖରେ ପହଁଂବା ଦରକାର ଯାହା ଫଳରେ ସେମାନେ ଉପକୃତ ହୋଇପାରିବେ । ଦେବଗଡ଼ ଜିଲ୍ଲାରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ଦ୍ୱାରା ସି ଏମ କିଶାନ ସହାୟତା ରାଶି ଜିଲ୍ଲାରେ ୪୩୭୨୭ ଚାଷୀଙ୍କୁ ଆଜି ୨୦୦୦ ଟଙ୍କା ଡି ବୀ ଟି ମାଧ୍ୟମରେ ୮୭୪୦୦୫୪୦ ଟଙ୍କା ସିଧା ସଳକ ଚାଷୀର ଖାତା କୁ ପ୍ରଦାନ କରଯାଇଥିଲା । ବୈଠକରେ ଜିଲ୍ଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ, କାର୍ଯ୍ୟାଳୟର କର୍ମଚାରୀ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ଓ ଚାଷୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ଟାଟା ଆଶ୍ୱାୟାର ଅଫିସ ଘେରିଲେ ଛଟେଇ କର୍ମଚାରୀ

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଂ*ଳ ରେ କାର୍ଯ୍ୟ କରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ ଟାଟା ଆଶ୍ୱାୟର ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବା ୯ଜଣ କର୍ମଚାରୀ ଙ୍କୁ ଛଟେଇ କରାଯିବା ବେଳେ ଗୁରୁବାର ଅପରାହ୍ନ ରେ ପାଟଣା ମୁଖ୍ୟାଳୟ ଟାଇଁସିରା ସ୍ଥିତ କାର୍ଯ୍ୟାଳୟ ରେ ଛଟେଇ କର୍ମଚାରୀ ମାନେ ଘେରାଇ କରିଥିଲେ ।ଅଭିଯୋଗ ଅନୁସାରେ ନିୟୋଜିତ ହୋଇଥିବା କର୍ମଚାରୀ ମାନେ ୨୦୧୯ ମସିହା ରୁ ଆଜି ପର୍ଯ୍ୟନ୍ତ ପାଟଣା ବ୍ଲକ ଅଂ*ଳରେ ବାଲ୍ୟ ବିବାହ,ଶିଶୁ ଶ୍ରମିକ,ଅଧାରୁ ପାଠ ଛାଡିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଚିହ୍ନଟ କରି ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ କରିବା ପାଇଁ ଟାଟା ଆଶ୍ୱାୟର ପକ୍ଷରୁ ନିୟୋଜିତ ଥିଲେ । ସ୍ୱେଚ୍ଛାସେବୀ ସଙ୍ଗଠନ କୁ ଟାଟା କମ୍ପାନୀ ପକ୍ଷରୁ ୪୦ ପ୍ରତିଶତ ଅର୍ଥ ରାଶି ଅନୁଦାନ କମ ହେବାରୁ କର୍ମଚାରୀ ଙ୍କୁ ଛଟେଇ କରିବା କୁ ପଡିଥିବା ବ୍ଲକ ସଂଯୋଜକ ଶିଶିର କୁମାର ଦାସ ସୂଚନା ଦେଇଛନ୍ତି । ଛଟେଇ ହୋଇଥିବା କର୍ମଚାରୀ ମାନେ ବିନା ନୋଟିସ୍ ରେ ଛଟେଇ କରାଯାଇଥିବା ଅଭିଯୋଗ ଆଣି ଛଟେଇ ହୋଇଥିବା ବୁଢ଼ୀକାପୁଡି ପଂ*ାୟତ ର ଜି, ପି, ସି ଏମ୍ ଲଳିତା ମହାନ୍ତ, ସୋରାସକେଲା ଜି,ପି ସି ଏମ୍ ସୁଜାତା କାର୍ଜି, ବଡ଼ପାଟଣା ଏଲ ଇ,ପି ଟିଚର ବିଷ୍ଣୁପ୍ରିୟା ବାରିକ, ଖିରେଇଟାଙ୍ଗିରୀ ଏଲ ଇ,ପି ଟିଚର ଉଷାରାଣୀ ନାଏକ,ମିରିଗିଖୋଜି ଏଲ,ଇ ପି ଟିଚର କାଦମ୍ବିନୀ ମହାନ୍ତ, ପ୍ରମୁଖ ଅଭିଯୋଗ ଆଣି ଅଫିସ୍ ସମ୍ମୁଖ ରେ ପ୍ରତିବାଦ କରିଥିଲେ । କର୍ମଚାରୀ ମାନେ ପ୍ରତିବାଦ କରିବା ସହ କାର୍ଯ୍ୟାଳୟ ରେ ହଟଗଲ ହେଉଥିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧି ଖବର ସଂଗ୍ରହ କରିବା କୁ ଯାଇ ଛଟେଇ କର୍ମଚାରୀ ମାନଙ୍କ ପ୍ରତିକ୍ରିୟା ନେବା ସହ ବ୍ଲକ ସଂଯୋଜକ ଶିଶିର କୁମାର ଦାସ ଙ୍କ ଠାରୁ ଛଟେଇ ବାବଦ ରେ ପ୍ରତିକ୍ରିୟା ନେବାକୁ ଯାଉଥିବା ସମୟ ରେ ସମ୍ବାଦିକ ଙ୍କୁ ଆସପାୟର ର କର୍ମଚାରୀ ମାନେ ଦୁର୍ବ୍ୟବହାର କରିଥିଲେ ।

## ସାଲେପୁର ମହୋତ୍ସବ ଓ ମଧୁ ଜୟନ୍ତୀ ଉଦଯାପିତ

ସାଲେପୁର (ମହାଭାରତ) : କଟକ ଜିଲ୍ଲା ସାଲେପୁର ବ୍ଲକ ସାଲେପୁର ହାଇସ୍କୁଲ ଖେଳ ପଡିଆ ରେ ମଧୁ ଜୟନ୍ତୀ କମିଟି ପକ୍ଷରୁ ୪ଦିନ ଧରି ମହା ଆଡମ୍ବରରେ ସାଲେପୁର ମହୋତ୍ସବ ଏବଂ ମଧୁ ଜୟନ୍ତୀ ପାଳନ କରାଯାଇଛି. ଉଦଯାପନୀ ଦିବସ ରେ କମିଟି ର ପ୍ରତିଷ୍ଠାତା ଏବଂ ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ସଭାପତିତ୍ୱ




କରିଥିଲେ.ଉଦଯାପନୀ ଦିବସ ରେ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ସେଠି ଏବଂ ବଡମ୍ବା ବିଧାୟକ ବିଜୟ ଦଳବେହେରା ଯୋଗ ଦେଇ ମଧୁ ବାବୁ ଙ୍କ ପାଇଁ ଏ ଜାତି ଆଜି ଗର୍ବିତ. ଏହି ମାଟିକୁ ଆମେ ଆସି ଥିବାରୁ ଆମେ ନିଜକୁ ଧନ୍ୟ ମନେକରୁଛୁ.ପ୍ରକାଶ ବାବୁ ଆଗାମୀ ପିଢ଼ି ମାନଙ୍କ ମନରେ ମଧୁ ବାବୁଙ୍କ ତ୍ୟାଗ ଓ ଓଡିଶା ପ୍ରତି ତାଙ୍କର ଅବଦାନ ବିଷୟରେ ଯେଉଁ ପ୍ରୟାସ କରିଛନ୍ତି ତାହା ଉଚ୍ଚ କୋଟିର ବୋଲି ପ୍ରକାଶ କରିବା ସହ ମଧୁବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ବିଧାନସଭା ରେ ଉପସ୍ଥାପନା କରିବେ ବୋଲି ପ୍ରକାଶ କରିଥିଲେ.କଳାକାର ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପଂଚାୟତ ରାଲି, ଆତସ ବାଜି ଲୋକଙ୍କୁ ମନମୁଗ୍ଧ କରିଥିଲା.ଉଦଯାପନୀ କାର୍ଯ୍ୟକ୍ରମ କୁ ଅନୁଷ୍ଠାନ ର ସମ୍ପାଦକ ଅଶ୍ୱନୀ ଦାସ,ଉପସଭାପତି ଶ୍ରୀକାନ୍ତ ପଣ୍ଡା, ଅଜମଲ ଖାଁ, ବିଜୟ ଲକ୍ଷ୍ମୀ ଦାଶ, ପୁର୍ଣିମା ବସ୍ତିଆ,ଲକ୍ଷ୍ମୀଧର ଖୁ୍ଆ, ରମେଶ ବେହେରା, ମହେଶ୍ୱର ମଲ୍ଲିକ,ରଶ୍ମିତା ଦାସ, ସମ୍ରାଟ କେଶରୀ ଲେଙ୍କା, ରଘୁପତି ରାଉତ,ସନ୍ତୋଷ ଭୂୟାଁ, ସଲିଳ ନାୟକ ଏବଂ ପଂ*ାୟତ ର ଲୋକ ପ୍ରତିନିଧି ଉପସ୍ଥିତ ଥିଲେ.ଶେଷରେ କଲିକତା ରୁ ଆସିଥବା ଆତସ ବାଜି ପରିବେଷଣ କରାଯାଇଥିଲା. ଫୋଟୋ ଅଛି.

**OFFICE OF THE PRINCIPAL**

**Meenaketan Degree College, Gurandi**

**Dist - Gajapati, 761210**

**No : 177/2025, Date - 02/05/2025**

Sealed quotations are invited from GST registered Firms/Dealers/ Distributers/ Manufactures/ Suppliers for supply of IT items mentioned below and those must reach the undersigned by 09/05/2025 by 5 pm through Post/drop box only.

| ITEM | SPECIFICAION |
|---|---|
| DESKTOP | INTEL i3 13th Gen/8 GB/512GB/19.5" LED/ WIN-11/3 Yrs Warranty |
| UPS | 600VA |
| LASER PRINTER | AIO WITH ADF |
| LED TV | 65" SCREEN |
| MIC&CAMERA | WEB-CAM&MIC (VIRTUAL MEETING) |

The authority reserves the right to cancel all or part thereof without assigning any reason.

Principal

Meenaketan Degree College, Gurandi

## ମାଲକାନଗିରିର ଗୌରବ: ଦୁଇ ଭାଇ ଦଶମ ବୋର୍ଡ ପରୀକ୍ଷାରେ ଜିଲ୍ଲା ଟପ୍ପର



ମାଲକାନଗିରି(ମହାଭାରତ): ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଏମଭି-୭୯ର ଦୁଇ ଭାଇ ଡାନିଏଲ୍ ଲେଙ୍କା ଓ ଡମ୍ବୁରୁ ଲେଙ୍କା ଚଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ହାସଲ କରି ମାଲକାନଗିରି ଜିଲ୍ଲାର ନାମକୁ ଗୌରବାନ୍ୱିତ କରିଛନ୍ତି। ମୋହନ ଲେଙ୍କାଙ୍କ ପୁତ୍ର ଏହି ଦୁଇ ଭାଇ ୬୦୦ ମାର୍କରୁ ୫୬୦ ମାର୍କ ରଖି ଜିଲ୍ଲାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏମଭି-୭୯ ଅଞ୍ଚଳର ଏହି ଦୁଇ ପ୍ରତିଭାବାନ ଛାତ୍ରଙ୍କ ଅସାଧାରଣ ପ୍ରଦର୍ଶନ ସ୍ଥାନୀୟ ଅଞ୍ଚଳ ତଥା ଜିଲ୍ଲାରେ ଗର୍ବର କାରଣ ହୋଇଛି ।ସେମାନଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ପ୍ରଶଂସାର ସୁଅ ଛୁଟିଛି। ଡ଼ାନିଏଲ୍ ଓ ଡମ୍ବୁରୁଙ୍କ ଏହି ଅସାମାନ୍ୟ କୃତିତ୍ୱ ଅନ୍ୟ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ ଓ ନିଷ୍ଠାର ସହ ଆଗକୁ ବଢିବା ପାଇଁ ପ୍ରେରଣା ଯୋଗାଇଛି। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ, ବିଭୂତି ସେଠୀ, କବିତା ସରକାର, ହିମାଂଶୁ ମଣ୍ଡଳ, ପ୍ରଭାତ ମଣ୍ଡଳ ଓ ସରମିଳା ଡାଲି ଏହି ସଫଳତାକୁ ମିଠା ବାଣ୍ଟି ଉତ୍ସବ ମୁଖର କରିଥିଲେ।

## ଜିଲ୍ଲାପାଳଙ୍କ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଗସ୍ତ

ବିଷମକଟକ/ମହାଭାରତ:ରାୟଗଡା ଜିଲ୍ଲା ବିଷମକଟକ ସଦର ମହକୁମା ଠାରେ ଅବସ୍ଥିତ ଥିବା ଖ୍ରୀଷ୍ଟିଆନ ହସ୍ପିଟାଲ ବିଷମକଟକ ଉପରେ ଦୀର୍ଘ ଦଶନ୍ଧି ଧରି ରାୟଗଡା ଜିଲ୍ଲା ସମେତ, କଳାହାଣ୍ଡି, ଟିଟିଲାଗଡ଼, ବଲାଙ୍ଗୀର, ଫୁଲବାଣୀ, ଗଜପତି ଏବଂ ଆଖ ପାଖ ଅନେକ ଅଞ୍ଚଳ ଲୋକ ଚିକିତ୍ସା ପାଇଁ ନିର୍ଭର କରନ୍ତି ଓ ଯେଉଁଥିପାଇଁ ଆଜି ରାୟଗଡା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପାଟୱାରୀ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଗସ୍ତରେ ଆସିଥିବା ଜଣାପଡିଛି । କେନ୍ଦ୍ର ସରକାର ଙ୍କ ଆୟୁଷ୍ମାନ ଯୋଜନା ଓଡିଶାରେ ଲାଗୁ କରାଯିବା ପରେ ଏହି ଯୋଜନା ର ସଫଳ ରୂପାୟନ ଓ ଏହାର ଉପଲବ୍ଧତା କୁ ଆହୁରି ବ୍ୟାପକ କରାଇବା ଦିଗରେ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଉଥିବା କୁହାଯାଉଥିବା ବେଳେ ରାୟଗଡା ଜିଲ୍ଲାପାଳ ଙ୍କ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଗସ୍ତ ମୋହନ ସରକାର ଙ୍କ ଲୋକଙ୍କ ପ୍ରତି ଗମ୍ଭୀର ତା କୁ ସୂଚଉଛି । ପୂର୍ବରୁ ଏହି ଘରୋଇ ଚିକିତ୍ସାଳୟ ରେ ବିଏସକେୱାଇ ଯୋଜନା ର ଲାଭ ଲୋକଙ୍କୁ ଉପଲବ୍ଧ କରାଇ ଦିଆଯାଉଥିଲା । ତେବେ ରାଜ୍ୟ ରେ ଆୟୁଷ୍ମାନ ଯୋଜନା ଲାଗୁ ହେବା ପରେ ପୂର୍ବ ଯୋଜନା ଆଉ କାର୍ଯ୍ୟକ୍ଷମ ନାହିଁ । ଏହି ପରିପ୍ରେକ୍ଷୀରେ ରେ ଏହି ଯୋଜନା ର ଲାଭ ଅଧିକାଂଶ ଲୋକଙ୍କ ପାଖକୁ ଯେପରି ପହଞ୍ଚିବ ଏହା ସୁନିଶ୍ଚିତ କରିବା ପାଇଁ ଆଜି ଜିଲ୍ଲାପାଳ ଏହି ଘରୋଇ ହସ୍ପିଟାଲ କୁ ଗସ୍ତ କରିଥିବା କୁହାଯାଉଛି ଓ ଆୟୁଷ୍ମାନ ଯୋଜନା ର ସୁଯୋଗ ଆହୁରି ଅଧିକ ହିତାଧିକାରୀଙ୍କ ପର୍ଯ୍ୟନ୍ତ କିଭଳି ପହଞ୍ଚିବ, ଏହାର ଉପଲବ୍ଧତା, ଲୋକଙ୍କ ମଧ୍ୟରେ ଥିବା ଭ୍ରମ, ଗୁଜବ ଏଭଳି ଅନେକ ଦିଗରେ ହସ୍ପିଟାଲ କର୍ତ୍ତୃପକ୍ଷ ଙ୍କ ସହ ଆଲୋଚନା ହୋଇଥିବା ସୂଚନା ରହିଛି ।



ଜିଲ୍ଲାପାଳ ଖ୍ରୀଷ୍ଟିଆନ ହସ୍ପିଟାଲ ବୁଲି ଦେଖିବା ସହ ଆୟୁଷ୍ମାନ ଯୋଜନା ର କାର୍ଯ୍ୟକାରିତା, ଉପଲବ୍ଧତା ନେଇ ରୋଗୀଙ୍କ ଠାରୁ ପଚାରି ବୁଝିଥିବା ସୂଚନା ରହିଛି । ଏହି ଅବସରରେ ଖ୍ରୀଷ୍ଟିଆନ ହସ୍ପିଟାଲ ସୁପରିଟେଣ୍ଡା□ ସୁନୀଲ ଜୀବନମଲ, ପ୍ରଜ୍ଞା ଜୀବନମଲ, ମ୍ୟାନେଜର ଚନ୍ଦ୍ରଶେଖର ରାୟ, ନର୍ସିଙ୍ଗ ସୁପରିଟେଣ୍ଡା□ ଏବଂ ଅନ୍ୟମାନେ ଜିଲ୍ଲାପାଳଙ୍କୁ ସ୍ୱାଗତ କରି ତାଙ୍କୁ ହସ୍ପିଟାଲର କାର୍ଯ୍ୟକାରିତା ଓ ଅନ୍ୟ ସମସ୍ୟା ନେଇ ଆଲୋଚନା କରିଥିବା କୁହାଯାଉଛି ।

## ଦୁଇ ବାଇକ ମୁହାଁମୁହିଁ ଧକ୍କା,ଜଣେ ମୃତ,ତିନି ଗୁରୁତର

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ଥାନା କେ. ନୂଆପଲ୍ଲୀ ଛକ ନିକଟରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଯୁବକ ଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଏବଂ ଅନ୍ୟଜଣେ ଆହତ ହୋଇଛନ୍ତି । ମୃତ ଯୁବକ କର୍ପୁର ନୂଆଗାଁ ଗ୍ରାମର ରାଜେନ୍ଦ୍ର ବେହେରା ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ରାଜେନ୍ଦ୍ର ଓଡି ୩୨ଜି ୯୬୬୧ ବାଇକ ଯୋଗେ ନିଜ କର୍ପୁର ନୂଆଗାଁ ଅଭିମୁଖେ ଯିବା ସମୟରେ ଭଞ୍ଜନଗର ପଟୁ ଶେରଗଡ଼ ବ୍ଲକ ଡ଼େଙ୍ଗାପଦର ଗ୍ରାମର ବିକାଶ ସେଠି (୧୯), ସିପୁନ ସେଠି (୨୪), ସରୋଜ ସେଠି(୨୦ ) ଓଡି ୦୭ ଏଜେ ୯୦୮୦ ବାଇକ ରେ ତିନି ଯୁବକ ଭଞ୍ଜନଗର ପାର୍କ ବୁଲି ସାରି ନିଜ ଗ୍ରାମ ଅଭିମୁଖେ ଆସୁଥିବା ସମୟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ରେ ରାଜେନ୍ଦ୍ର ଙ୍କ ସମେତ ଅନ୍ୟ ବାଇକ ର ସମସ୍ତ ଚାରିଜଣ ରାସ୍ତା ଉପରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ସମସ୍ତ ଙ୍କୁ ଉଧାରକରୀ ଚିକିତ୍ସା ନିମନେ ଦମକଳ ଓ ଆମ୍ବୁଲାନ୍ସ ଯୋଗେ ରାତି ୮ ଟା ସମୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିବା ବେଳେ ଏଠାରେ ଡାକ୍ତର ରାଜେନ୍ଦ୍ର ଙ୍କୁ ମୃତ୍ୟୁ ଘୋଷଣା କରିଥିବା ଦେଖିବାକୁ ମିଳିଛି । ତେବେ ଅନ୍ୟ ଦୁଇଜଣ ଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବା ଦେଖିବାକୁ ମିଳିଥିବା ବେଳେ ଦୁର୍ଘଟଣା ର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି । ଖବରପାଇ ଆସିକା ପୋଲିସ ମେଡିକାଲ ରେ ପହ□ ତଦନ୍ତ ଚଳାଇଛି ।

## ଠାକୁରମୁଣ୍ଡାରେ ଶିକ୍ଷକ କଲ୍ୟାଣ ଭବନର ଶିଳାନ୍ୟାସ ଓ ଭୂମିପୂଜନ

କରଞ୍ଜିଆ,(ମହାଭାରତ) ଶୁକ୍ରବାର ଦିନ ସକାଳ ପ୍ରାୟ ଆଠଟାବେଳେ ଠାକୁରମୁଣ୍ଡା ଶିକ୍ଷକମାନଙ୍କର ପ୍ରଚେଷ୍ଟାରେ ଶିକ୍ଷକ କଲ୍ୟାଣ ଭବନର ଶିଳାନ୍ୟାସ ଓ ଭୂମିପୂଜନ ସ୍ଥାନୀୟ ମାନ୍ୟବର ବିଧାୟକ ପଦ୍ମଚରଣ ହାଇବୁରୁଙ୍କ କରକମଳରେ ସମ୍ପାଦିତ ହୋଇଯାଇଛି। ଉକ୍ତ ଉତ୍ସବରେ ବ୍ଲକ ଅଧକ୍ଷା ଶ୍ରୀମତୀ ସରୋଜିନୀ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ



କୁଞ୍ଜବେହାରୀ ପ୍ରଧାନ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମିଶ୍ର ଭିତ୍ତି ପ୍ରସ୍ତର ସ୍ଥାପନ ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ। ଅବସରପ୍ରାପ୍ତ ବି ଇ ଓ, ଭାଗିରଥି ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷକ ନଳରାଜ ସେଠି ଶିକ୍ଷକ ମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଶିଳାନ୍ୟାସ ସ୍ଥଳକୁ ଉତ୍ସବମୁଖର କରିଥିଲେ। ଶଙ୍ଖ ହୁଳହୁଳିରେ ଶିଳାନ୍ୟାସ ସ୍ଥଳ ପବିତ୍ରମୟ ହୋଇ ଉଠିଥିଲା ।ସମସ୍ତଙ୍କ ଭିତରେ ଏକ ନୂତନ ଉତ୍ସାହ ଦେଖା ଦେଇଥିଲା। ଶିକ୍ଷକ ଭବନ ପାଇଁ ସମସ୍ତେ ବଜ୍ର ଶପଥ ଗ୍ରହଣ କରିଥିଲେ। ଶିକ୍ଷକ ମାନଙ୍କ ସ୍ୱାଭିମାନ ଗୃହ ପ୍ରତିଷ୍ଠାରେ ବିଧାୟକ ପୂର୍ଣ୍ଣ ସହଯୋଗ କରିବେ ବୋଲି ଘୋଷଣା କରିଥିଲେ। ତେବେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ ସମସ୍ତେ ମନ ଧ୍ୟାନ ଦେଇ କାମ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଶେଷରେ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ କଂଗ୍ରେସ ପକ୍ଷରୁ ପାଳିଲେ ବିଜୟ ଉତ୍ସବ




ଆସିକା(ମହାଭାରତ): ରାଜ୍ୟ କଂଗ୍ରେସ ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ କଂଗ୍ରେସ ପକ୍ଷରୁ ପାଳନ ହେଲା ବିଜୟ ଉତ୍ସବ। ଆସିକା କଂଗ୍ରେସ କାର୍ଯ୍ୟାଳୟ ଠାରେ ଗଞ୍ଜାମ ଜିଲ୍ଲା ପଶ୍ଚିମ ଭାଗ କଂଗ୍ରେସ ସଭାପତି ରବୀନ୍ଦ୍ର ନାଥ ଶର୍ମାଙ୍କ ଅଧକ୍ଷତାରେ ବିଜୟ ଉତ୍ସବ ପାଳନ ହୋଇଯାଇଛି ।ଏହି ଅବସରରେ ସାନଖେମୁଣ୍ଡି ବିଧାୟକ ରମେଶ କୁମାର ଜେନା,ପି ସି ସି ସଭ୍ୟ ଦେବୀ ପ୍ରସାଦ ବିଷୋୟୀ, ବରିଷ୍ଠ କଂଗ୍ରେସ କର୍ମୀ ଗଙ୍ଗାଧର ଶତପଥୀ ଙ୍କ ଉପସ୍ଥିତିରେ ପାଳନ ହୋଇଯାଇଛି ।ପ୍ରକାଶ ଥାଉକି ବିଗତ କିଛି ବର୍ଷ ହେଲା କଂଗ୍ରେସ ସୁପ୍ରିମୋ ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଜାତି ଭିତ୍ତିକ ଜନଗଣନା କରିବା ପାଇଁ ବାରମ୍ବାର ଚାପ ପକାଇ ଆସୁଥିଲେ ଏହାକୁ ଭିତ୍ତି କରି ବିଜେପି ପକ୍ଷରୁ ପାର୍ଲାମେଣ୍ଟରେ ଆଗତ ହୋଇଛି ।ଏହି ବିଲ କାର୍ଯ୍ୟକାରୀ ହେବା ଦ୍ୱାରା ସବୁ ଜାତିର ଲୋକ ସମାନ ମାନ୍ୟତା ପାଇବେ ଚାକିରୀ, ଶିକ୍ଷା କ୍ଷେତ୍ର ଭଳି ବିଭିନ୍ନ ସ୍ଥାନରେ ସମାନ ସୁଯୋଗ ପାଇ ପାରିବେ ବୋଲି ଉପସ୍ଥିତ ସମସ୍ତ କଂଗ୍ରେସ ପାର୍ଥି ନିଜ ଉଦବୋଧନ ରେ କହିଥିଲେ। ପରେ ବାଣ ଫୁଟାଇ ଏହି ଉତ୍ସବକୁ ପାଳନ କରିଥିଲା କଂଗ୍ରେସୟଏହି ଅବସରରେ ଆସିକା ସାଂସଦ ପାର୍ଥି ଦେବକାନ୍ତ ଶର୍ମା, ସୋରଡ଼ା ବିଧାୟକ ପାର୍ଥି ହରେକୃଷ୍ଣ ରଥ,ଖଲିକୋଟ ବିଧାୟକ ପ୍ରାର୍ଥୀ ଚିତ୍ରସେନ ବେହେରା, ଆଇନଜୀବି ପ୍ରିୟାଂଶୁ ପରିଡା, ଶିବ ପ୍ରଧାନ,ରାମ ନାରାୟଣ ବିଶ୍ୱାସ ରାଏଙ୍କ ସମେତ ବହୁ ବିଧାୟକ ପାର୍ଥି, ଶହ ଶହ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ।

## କୋକସରା ବ୍ଲକ ମାଟ୍ରିକ ଟପ୍ପର ହେଲେ ରିଷି ବିଶି

କୋକସରା,(ମହାଭାରତ) : କୋକସରା ବ୍ଲକ ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ରିଷି ବିଶି ହାଇ ସ୍କୁଲ ବୋର୍ଡ ପରୀକ୍ଷାରେ ୫୨୬ ମାର୍କ (୮୭.୬୬%) ରଖି କୋକସରା ବ୍ଲକ ଟପ୍ପର ହୋଇଛନ୍ତି। ବ୍ଲକ ଟପ୍ପର ହୋଇ ନିଜ ଗାଁ ଜନ୍ମମାଟି ତଥା ବିଦ୍ୟାଳୟର ଗୌରବ ବର୍ଦ୍ଧନ



କରିଛନ୍ତି। ରିଷିଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟିର ସଦସ୍ୟ, ସମସ୍ତ ଶିକ୍ଷକ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଗଡରାମାଲ ଗ୍ରାମର ଛାତ୍ରୀ ରିଷିଙ୍କ ବାପା କିଶୋର ଚନ୍ଦ୍ର ବିଶି ଓ ମାତା ବିନତା ବିଶି ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।ଏହି ସଫଳତା ପଛରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପରିଶ୍ରମ, ଆଶୀର୍ବାଦ ତଥା ନିଜର ଦୃଢ଼ ମନୋବଳ ଓ ନିରନ୍ତର ପରିଶ୍ରମ ରହିଛି ବୋଲି ସେ' ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ପରେ ପରିବାର ତଥା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ପୂର୍ତ୍ତ ରାସ୍ତାରୁ ଡାଳ ସଫାକଲେ ଥାନା ଅଧିକାରୀ

ବୌଦ୍ଧ(ମହାଭାରତ):ହରଭଙ୍ଗା ବ୍ଲକ ରେ ତାଣ୍ଡବ ରଚିଲା କାଳ ବୈଶାଖୀ । ଚାଳ ଛପର ଉଡିବା ସହିତ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା, ବଡ଼ ବଡ଼ ଗଛ ଉପୁଡିବା, ଘର କାନ୍ଥ ଭୁଶୁଡିବା ଭଳି ଦୃଶ୍ୟ ଏବେ ବୌଦ୍ଧ ଜିଲ୍ଲା ରେ ଦେଖିବାକୁ ମିଳିଛି । ଭୀଷଣ ପବନ ସହିତ ଧୁ ଧୁ ବର୍ଷା ସ୍ଥାନେ ସ୍ଥାନେ କୁଆ ପଥର ବର୍ଷା ରେ ପନିପରିବା ଫସଲ ସହିତ ଆମ୍ବ ଓ ତରଭୁଜ ଚାଷ ଉଜୁଡି ପଡିଛି । ଜାତୀୟ ରାଜପଥ ହେଉ ବା ପୂର୍ତ୍ତ କିମ୍ବା ଗ୍ରାମ୍ୟ ଉନ୍ନୟନ ସଡ଼କ କଡରେ ଥିବା ବିରାଟ ବିରାଟ ଗଛ



ଉପୁଡିବା ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ଦେଖା ଦେଇଛି । ବିଭିନ୍ନ ସ୍ଥାନରେ ଆଜିବି ବିପଦ ସଂକୁଳ ଅବସ୍ଥାରେ ଗଛ ଡାଳ ଭାଙ୍ଗି ରାସ୍ତା ଉପରେ ଝୁଲି ରହିଛି । ଏଭଳି ପରିସ୍ଥିତି ରେ ରାସ୍ତା ଅବରୋଧ କରିଥିବା ଗଛ ଡାଳ କାଟି ରାସ୍ତାରୁ ହଟାଇ ଉଦାହରଣ ସୃଷ୍ଟି କରିଛନ୍ତି ହରଭଙ୍ଗା ଥାନା ଅଧିକାରୀ ନଳିନୀକାନ୍ତ ଦାସ । ସୂଚନା ଅନୁଯାଇ ଚାରିଛକ -ଶୀତଳପାଣି ପୂର୍ତ୍ତ ରାସ୍ତାରେ ବିଭିନ୍ନ ସ୍ଥାନରେ କାଳ ବୈଶାଖୀରେ ଗଛ ଉପୁଡି ଡାଳ ଭାଙ୍ଗି ରାସ୍ତା ଅବରୋଧ କରିଥିଲା । ଯାହାକି ଯାତାୟାତ ରେ ବାଧା ସୃଷ୍ଟି କରିଥିଲା । ବାଧା ସୃଷ୍ଟି କୁ ଆଖିଆଗରେ ଦେଖି ଅଦିନିଆଁ କାଳ ବୈଶାଖୀ ପ୍ରଭାବ ରେ ଭାଙ୍ଗି ଥିବା ଓ ରାସ୍ତା ଅବରୋଧ କରିଥିବା ଗଛ ଡାଳ ନିଜେ ଥାନା ଅଧିକାରୀ ଟାଙ୍ଗିଆ ରେ କାଟି ସଫା କରିବା ସହିତ ନିଜ ଷ୍ଟାଫ ଙ୍କ ସହଯୋଗ ରେ ରାସ୍ତାରୁ ହଟାଇଥିବା ଦେଖିବାକୁ ମିଳିଛି । ଯାହାକି ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି।

## ବିଶିଷ୍ଟ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ୭୨ତମ ଜନ୍ମ ଦିବସ ଉପଲକ୍ଷେ ଓଏସଏଲ ଗ୍ରୁପ ଦ୍ୱାରା ରକ୍ତଦାନ ଶିବିର



ପାରାଦୀପ (ମହାଭାରତ) ପବିତ୍ର ଅକ୍ଷୟ ତୃତୀୟା ଦିବସ ରେ ଓଏସ୍ଏଲ୍ ଗ୍ରୁପ ପ୍ରତିଷ୍ଠାତା ତଥା ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କର ୭୨ତମ ଜନ୍ମ ଦିବସ ଉତ୍ସାହର ସହ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଓଏସ୍ଏଲ୍ ଗ୍ରୁପ୍ କମ୍ପାନୀ ଗୁଡ଼ିକର କର୍ମଚାରୀ, ଶୁଭେଚ୍ଛୁବୃନ୍ଦ, ଅନେକ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଶ୍ରୀ ମିଶ୍ରଙ୍କର କଟକ ର ଓଡ଼ିଆ ବଜାର ସ୍ଥିତ ବାସଭବନକୁ ଯାଇ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଥିଲେ । ଏହି ଦିନଟିକୁ ଅଧିକ ସ୍ମରଣୀୟ କରିବାକୁ ଓଏସ୍ଏଲ୍ ଗ୍ରୁପ୍ର ସମସ୍ତ କର୍ମଚାରୀ ନିଜ ନିଜ ଶାଖା, ଅଫିସ୍ ଏବଂ କମ୍ପାନୀ ପରିସରରେ ବିଶାଳ ରକ୍ତଦାନ ଶିବିରମାନ ଆୟୋଜନ କରିଥିଲେ । ଏହି କ୍ରମରେ ୨୦୦୦ ୟୁନିଟ୍ରୁ ଉର୍ଦ୍ଧ ରକ୍ତ ୟୁନିଟ ସଂଗ୍ରହ କରାଯାଇଥିଲ ଯାହାକି ଏକ ରେକର୍ଡ଼ ସୃଷ୍ଟି କରିପାରିଛି । ରକ୍ତଦାନ ଶିବିରଗୁଡ଼ିକ ରେଡ୍କ୍ରସ, ସେଣ୍ଟ୍ନସନ ଆମ୍ବୁଲାନ୍ସ, ସରକାରୀ ଓ ବେସରକାରୀ ହସ୍ପିଟାଲ୍ର ଅଭିଜ୍ଞ ଟିମ୍ ମାନଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। କର୍ମଚାରୀମାନେ ଏତେ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାରୁ ଓଏସ୍ଏଲ୍ ଗ୍ରୁପ୍ର ପରିଚାଳନା କର୍ତୃପକ୍ଷ ସନ୍ତୁଷ୍ଟ ପ୍ରକାଶ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ସେହିପରି ମହିମାନନ୍ଦ ମିଶ୍ର ଙ୍କ ଜନ୍ମଦିନ ଅବସରରେ ଓଏସଏଲ ଗ୍ରୁପ ପାରାଦୀପ ଶାଖା ପକ୍ଷରୁ ଆୟୋଜିତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୫୦ରୁ ଉର୍ଦ୍ଧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏତଦବ୍ୟତୀତ କେକ୍ କଟାଯାଇ ଶ୍ରୀ ମିଶ୍ର ଙ୍କ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିବା ବେଳେ ଅସହାୟ କଲ୍ୟାଣ ସମିତି ସହାୟତାରେ ଷଣ୍ଢକୁଦ ବସ୍ତିରେ ଓଏସଏଲ କମ୍ପାନୀ ଦ୍ୱାରା ଅସହାୟ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଏଏଲ ଗ୍ରୁପ ର ଉପସଭାପତି ବିଜୟକେତନ ଓଝା,ପାରାଦୀପ ଶାଖା ସାଧାରଣ ପରିଚାଳକ ସୁବାସ ଆଚାର୍ଯ୍ୟ,ଅସହାୟ କଲ୍ୟାଣ ସମିତି ର ମୁଖ୍ୟ ଉପଦେଷ୍ଟା ପ୍ରୀତିରଞ୍ଜନ ମହାପାତ୍ର,ସମାଜସେବୀ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ ଖବରକାଗଜ ବିତରକ ସଂଘର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ପାରାଦୀପ (ମହାଭାରତ): ପାରାଦୀପ ଖବରକାଗଜ ବିତରକ ସଂଘର ୧୧ତମ ବାର୍ଷିକ ଉତ୍ସବ ମଧୁବନ ସ୍ଥିତ ଶ୍ରମିକ ଭବନ ପରିସରରେ ଗୁରୁବାର ସନ୍ଧ୍ୟାରେ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ସଂଘର ସଭାପତି ପ୍ରଦୀପ କୁମାର ଜେନା ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଶୁକଦେ ଜେନା, ଚିତ୍ତରଞ୍ଜନ ସ୍ୱାଇଁ,ଭାଗିରଥି ମଲ୍ଲିକ, ରତ୍ନାକର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ଖବରକାଗଜ ବିତରକ ମାନଙ୍କ ସେବା କାର୍ଯ୍ୟ କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ । ସେହିଭଳି ଅନ୍ୟ ଅତିଥି ମାନେ ବିତରକ ସଂଘର ଉନ୍ନତି କାମନା କରିଥିଲେ । ଏହି ଅବସରରେ ସମୁଦ୍ର ବେଳାଭୂମିକୁ ପରିଷ୍କାର ରଖିବା ଦିଗରେ ନିଜକୁ ସମର୍ପିତ କରିଥିବା ବାପି ଗୋଛୟତଙ୍କୁ ସଙ୍ଘ ପକ୍ଷରୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଞ୍ଜୟ କୁମାର ମିଶ୍ର ସଭାପତିତ୍ୱ କରିଥିବା ବେଳେ ବିତରକ ସଂଘର ବହୁ ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

### ଖଡ଼ିଆଳ ରାଜ ରାସ୍ତାରେ ରାଜ କରୁଛି ବିଦେଶୀ ମଦ ଦୋକାନ

## ପରିବେଶ ଦୂଷିତ ସହ ଦୁର୍ଘଟଣା କରୁଛି ଆମନ୍ତ୍ରଣ

ଖଡ଼ିଆଲ(ମହାଭାରତ) ସହର ଭିତରେ ରାଜ କରୁଛି ବିଦେଶୀ ମଦ ଦୋକାନ । ପରିବେଶ ଦୂଷିତ ସହ ଦୁର୍ଘଟଣାକୁ କରୁଛି ଆମନ୍ତ୍ରଣ । ସମସ୍ୟା ଭିତରେ ସହର ବାସି । ଖଡ଼ିଆଲ ସହରରେ ଥିବା ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ□ କୁମ୍ଭକର୍ଣ୍ଣ ନିଦ୍ରା ରେ ଜିଲ୍ଲା ଅବକାରୀ ବିଭାଗ ଓ ଜିଲ୍ଲା ପ୍ରଶାସନ । ନୂଆପଡା ଜିଲ୍ଲାର ଐତିହାସିକ ଓ ସଂସ୍କୃତି ସମ୍ପନ୍ନ ଖଡ଼ିଆଲ ସହରର ଜନ ଗହଳି ସ୍ଥାନରେ ରାଜ କରୁଛି ବିଦେଶୀ ମଦ ଦୋକାନ । ଏନେଇ ଦିନକୁ ଦିନ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସହ ଜନ ଅସନ୍ତୋଷ ଦେଖାଦେଉଛି । ମଦ ଦୋକାନ ଗୁଡିକ ସହରର ପ୍ରାଣକେନ୍ଦ୍ରରେ ଥିବା ହେତୁ ବିଗୁଡୁଛି ପରିବେଶ । ଅତିଷ୍ଠ ହେଉଛନ୍ତି ହଜାର ହଜାର ଲୋକେ ।ସହରର ବ୍ୟସ୍ତ ବହୁଳ ଜନ ଗହଳି ପୂର୍ଣ୍ଣ ଗୁରୁନାନକ ଛକରେ ଦୁଇଟି ବିଦେଶୀ ମଦ ଦୋକାନ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ପରିବେଶ ବିଗିଡିବା ସହ ସହର ବାସୀଙ୍କୁ ବିଭିନ୍ନ ଅସୁବିଧା ହେଉଥିବା ଅଭିଯୋଗ ହେଉଛି । ଏହି ଛକ ଦେଇ ସ୍କୁଲ କେଲେଜ ,ଗୁରୁଦ୍ୱାର, ମନ୍ଦିର, ମିଶନ ଶକ୍ତି କାଫେ ଆଦି ଥିବା ବେଳେ ବିଭିନ୍ନ ସରକାରୀ ଅଫିସକୁ ଯାଉଛନ୍ତି ଲୋକେ । ଏଠାରେ ମଦୁଆଙ୍କ ଉନ୍ମୋତ କାଣ୍ଡ ସାଙ୍ଗକୁ ମଦ ଦୋକାନରେ ମଦୁଆଙ୍କ ଭିଡ଼ ପାଇଁ ଟ୍ରାଫିକ ସମସ୍ୟା ସାଙ୍ଗକୁ ସଡ଼କ ଦୁର୍ଘଟଣା ମାନ ଘଟୁଛି । ବିଦେଶୀ ମଦ ଦୋକାନ ସହ ଖଡ଼ିଆଲ ସହରର ସ୍ଥାନେ ସ୍ଥାନେ ମଦ କୋଠି ମାନ ରହିଛି । ନିଶା କାରବାରରେ ନିଶା ବ୍ୟବସାୟୀଙ୍କ ସହ ବିଭାଗୀୟ କର୍ମଚାରୀ ମଧ ମାଲେମାଲ ହେଉଥିବା ବେଳେ ହଇରାଣର ଶିକାର ହେଉଛନ୍ତି ଖଡ଼ିଆଲ ସହର ବାସୀ । ଏହା ସହ ଛାପା ମୂଲ୍ୟରୁ ଚଢା ଦରରେ ମଦ ବିକ୍ରିର ଅଭିଯୋଗ ହେଉଥିଲେ ହେଁ ଅବକାରୀ ବିଭାଗ ଚୁପ ବସିଛି । ଏହି ସବୁ ସରକାରୀ ସ୍ୱୀକୃତି ପ୍ରାପ୍ତ ଦୋକାନ ଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଏକ ବର୍ଷେ ତଳେ ସହରବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ । ବର୍ତ୍ତମାନ ସହରରେ ଥିବା ଗୁରୁନାନକ ଛକ ନିକଟସ୍ଥ ଥିବା ବିଦେଶୀ ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଖଡ଼ିଆଲ ଏନଏସିର ଏକ ସ୍ୱତନ୍ତ୍ର ବୈଠକରେ ପ୍ରସ୍ତାବ ଆଗତ କରି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଜରିଆରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରାଯାଇଥିଲା ହେଲେ ଆଜକୁ ବର୍ଷେ ବିତିଯାଇଥିଲେ ହେଁ ପ୍ରଶାସନ ତରଫ ରୁ କୌଣସି ପଦକ୍ଷେପ ନିଆଯାଇନାହିଁ ।ଏମିତିକି ପ୍ରତ୍ୟେକ ବର୍ଷ ଏନଏସି ପକ୍ଷରୁ ହେଉଥିବା ନୋ ଅବଜେକ୍ସନ ନିୟମକୁ ମଧ ଅବମାନନା କରି ମଦ ଦୋକାନ ଚାଲିଥିବା ଅଭିଯୋଗ ହେଉଛି ଏଥିରେ ଚୁପ ରହିଛି ଅବକାରୀ ବିଭାଗ । ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନନେଲେ ଆଗାମୀ ଦିନରେ ସହରବାସୀ ରାଜ ରାସ୍ତାକୁ ଓଲହାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ନିୟମରେ କୌଣସି ବ୍ୟତିକ୍ରମ ହୋଇ ନାହିଁ ଅଭିଯୋଗ ହେଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଖଡ଼ିଆଲ ଅବକାରୀ ଅଧିକାରୀ।

## ଉଦଳା ୟୁନିକ ପ୍ରେସ କ୍ଲବ ପକ୍ଷରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ

ଉଦଳା ( ମହାଭାରତ ) - ଉଦଳା ୟୁନିକ ପ୍ରେସ୍ କ୍ଲବ ତରଫରୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ସ୍ଥାନୀୟ ଆଶୀର୍ବାଦ ଧର୍ମଶାଳା ସଭାଗୃହରେ ଗୁରୁବାର ଦିନ ସକାଳ ୯ ଟା ୩୦ ମିନିଟ୍ ସମୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରେସ୍ କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଦିନବନ୍ଧୁ ବାରିକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । ସାଧାରଣ ସଂପାଦକ ଦିଲ୍ଲୀପ କୁମାର କଲିଆ, ବରିଷ୍ଠ ନାଗରିକ ତଥା ସାହିତ୍ୟିକ ସର୍ବେଶ୍ୱର ମହାପାତ୍ର, ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ବାଛିନୀ ପ୍ରମୁଖ ମଂଚାସୀନ ହୋଇ ନିଜ ଅଂଚଳର ବିକାଶ ସହିତ ସାଧାରଣ ଜନତାଙ୍କର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଅତିଥିମାନେ ମତ ବ୍ୟକ୍ତ କରିଥିଲେ ।ଭାଷା, ସଂସ୍କୃତି, ସାହିତ୍ୟ ଏବଂ ସାଧାରଣ ଜନତାଙ୍କର ସରକାରୀ, ବେସରକାରୀ ସ୍ତରରେ ବିଭିନ୍ନ ସମସ୍ୟାକୁ ନେଇ ନିର୍ଭୀକ ଭାବରେ ସମ୍ବାଦ ପରିବେଷଣ କରିବା ପାଇଁ ସଭାପତି ଶ୍ରୀ ବାରିକ ମତବ୍ୟକ୍ତ କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂଘର କୋଷାଧ୍ୟକ୍ଷ ଶଶିକାନ୍ତ ମିଶ୍ର, ସହ ସଂପାଦକ ମାନସ ପାଣି, ଉପସଭାପତି କୃଷ୍ଣଚୈତନ୍ୟ ସଦୁଆଳ, ସାମ୍ବାଦିକ ଅଭିଜିତ୍ ବେହେରା, ଦୀପକ କୁମାର ପାଣିଗ୍ରାହୀ, ବସନ୍ତ କୁମାର ବେହେରା , ଦୀପକ କୁମାର ମିଶ୍ର, ଶ୍ୱେତ ସୁନ୍ଦର ମଲ୍ଲିକ, ଯଶୋବନ୍ତ ପରିଡା ପ୍ରମୁଖ ଉପସ୍ଥିତ ରହି ଶ୍ରମିକ ଦିବସ ପାଳନରେ ସହଯୋଗ କରିଥିଲେ ।



## ଆମ୍ବୁଲାନ୍ସ ମାଡି ଜଣେ ମୃତ

ବେଙ୍ଗଲୁରୁ : ବେଙ୍ଗଲୁରୁ ସହରର ୱିଲସନ ଗାର୍ଡେନ୍ ଅଞ୍ଚଳରେ ଘଟିଛି ଅଘଟଣ । ଏକ ଦ୍ରୁତଗାମୀ ଆମ୍ବୁଲାନ୍ସ ୭ ଜଣଙ୍କୁ ଧକ୍କା ଦେଇଛି । ଯାହା ଫଳରେ ୬ ଜଣ ଗୁରୁତର ଆହତ ହୋଇଛନ୍ତି । ଏହି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି । ସମସ୍ତ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଛି । ସେମାନଙ୍କର ଚିକିତ୍ସା ଚାଲିଛି । ସୂଚନା ଅନୁସାରେ ଏହି ଘଟଣାଟି ମେ ୧ ତାରିଖରେ ଘଟିଛି । ଯାହାର ଭିଡିଓ ଆଜି ସାମ୍ନାକୁ ଆସିଛି । ପୋଲିସଙ୍କ ସୂଚନା ଅନୁସାରେ ଗତକାଲି ସକାଳ ପ୍ରାୟ ୮ ଟା ସମୟରେ ଏହି ଅଘଟଣ ହୋଇଛି । ସଞ୍ଜିବୀନୀ ଆମ୍ବୁଲାନ୍ସ ଡ୍ରାଇଭର ଚିରଞ୍ଜୀବ ୱିଲସନ ଗାର୍ଡେନ୍ ଥାନା ଅଞ୍ଚଳର ଈଞ୍ଚଝ ରୋଡରେ ଦ୍ରୁତ ଗତିରେ ଏବଂ ବେପରୁଆ ଭାବରେ ଆମ୍ବୁଲାନ୍ସ ଚଳାଉଥିଲେ । ଏହି ସମୟରେ ଆମ୍ବୁଲାନ୍ସଟି ଦୁଇଟି ଗାଡ଼ି, ଗୋଟିଏ ଅଟୋ, ଗୋଟିଏ ସ୍କୁଟର ଏବଂ ଜଣେ ପଦଯାତ୍ରୀଙ୍କୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ୪୯ ବର୍ଷୀୟ ଠେଲା ଚାଳକ ରମେଶଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ୬ ଜଣ ଆହତ ହୋଇଥିଲେ । ଘଟଣା ପରେ ସେଠାରେ ଲୋକଙ୍କ ଭିଡ଼ ହୋଇଯାଇଥିଲା ଯାହା ଫଳରେ ଲୋକେ ଆମ୍ବୁଲାନ୍ସ ଡ୍ରାଇଭର ଚିରଞ୍ଜୀବଙ୍କୁ କାବୁ କରି ନେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଲୋକେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମାରି ସାରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଥାନାକୁ ଆଣିଥିଲା । ବର୍ତ୍ତମାନ ଏହି ଦୁର୍ଘଟଣାରେ ଆହତ ହୋଇଥିବା ଲୋକମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ପଚରାଉଚରା ସମୟରେ ଚିରଞ୍ଜୀବ କହିଥିଲେ କି ଆମ୍ବୁଲାନ୍ସର ବ୍ରେକ୍ ଫେଲ୍ ହୋଇଯିବାରୁ ଦୁର୍ଘଟଣା ଘଟିଥିଲା । ପୋଲିସ ଏହି ଘଟଣାର ତଦନ୍ତ କରୁଛି ।

## ଏୟାର ଇଣ୍ଡିଆକୁ ଝଟକା

ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି । ଏହି କାରଣ ଯୋଗୁଁ ଭାରତ ଏବଂ ପାକିସ୍ତାନ ପରସ୍ପର ପାଇଁ ଏୟାରସ୍ପେସ୍ ବନ୍ଦ କରିଛନ୍ତି । କିନ୍ତୁ ଏହି ଏୟାରସ୍ପେସ ବନ୍ଦ ଯୋଗୁଁ କ୍ଷତି ସହିବ ଏୟାର ଇଣ୍ଡିଆ । କୋଟିଏ କି ଦୁଇ କୋଟି ନୁହେଁ ବରଂ ଶହ ଶହ କୋଟିର କ୍ଷତି ସହିତ ଏୟାର ଇଣ୍ଡିଆ।। ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ଭାରତ ଏବଂ ପାକିସ୍ତାନ ସେମାନଙ୍କର ଏୟାରସ୍ପେସକୁ ବନ୍ଦ କରିଦେଇଛନ୍ତି । ତେବେ ଯଦି ପାକିସ୍ତାନୀ ଏୟାରସ୍ପେସ୍ ୧ ବର୍ଷ ପାଇଁ ବନ୍ଦ ରହେ, ତେବେ ଏହାଦ୍ୱାରା ଏୟାରଇଣ୍ଡିଆକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିପାରେ । ଏୟାର ଇଣ୍ଡିଆ ଦାବି କରୁଛି ଯେ, ଏହାଦ୍ୱାରା କମ୍ପାନୀ ବର୍ଷକୁ ପ୍ରାୟ ୬୦ କୋଟି ଡଲାର ବା ୫୦୫୩ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚର ସମ୍ମୁଖୀନ ହେବ । ସୂଚନା ଅନୁଯାୟୀ, କମ୍ପାନୀ ଏହାର କ୍ଷତିପୂରଣ ପାଇଁ କେନ୍ଦ୍ର ସରକାରଙ୍କୁ ଆବେଦନ କରିଛି । ଏପ୍ରିଲ ୨୭ ତାରିଖରେ ଏୟାର ଇଣ୍ଡିଆ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ପଠାଇଥିବା ଏକ ଚିଠିରେ, ଏୟାରଲାଇନ୍ସ ଏହାର ଆର୍ଥିକ କ୍ଷତିପୂରଣ ପାଇଁ ଭାରତ ସରକାରଙ୍କଠାରୁ ଏକ ସବସିଡି ମଡେଲ ମାଗିଥିଲା । ଏଥିରେ କମ୍ପାନୀ ଆକଳନ କରିଥିଲା ଯେ, ଏୟାରସ୍ପେସ୍ କଟକଣା ଯୋଗୁଁ ପ୍ରତିବର୍ଷ କମ୍ପାନୀର ୫୦ ବିଲିୟନ ଭାରତୀୟ ଟଙ୍କାରୁ ଅଧିକ କ୍ଷତି ହେବ । ଏୟାର ଇଣ୍ଡିଆର ଏହି ଚିଠିରେ କୁହାଯାଇଛି ଯେ, ପ୍ରଭାବିତ ହେବାକୁ ଥିବା ଅନ୍ତର୍ଜାତୀୟ ବିମାନ ପାଇଁ ସବସିଡି ଏକ ଭଲ, ପରିବର୍ତ୍ତନଶୀଳ ଏବଂ ଯୁକ୍ତିଯୁକ୍ତ ବିକଳ୍ପ । ତେବେ ପରିସ୍ଥିତିରେ ଉନ୍ନତି ଆସିଲେ ସବସିଡି ପ୍ରତ୍ୟାହାର କରାଯାଇପାରିବ । ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ସମେତ ଅନେକ ଏୟାରଲାଇନ୍ସ ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ଏୟାରସ୍ପେସ ବନ୍ଦ କରିବାର ପ୍ରଭାବ ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ସେମାନଙ୍କର ମତାମତ ଏବଂ ପରାମର୍ଶ ଦେଇଛନ୍ତି । ଆଉ ମନ୍ତ୍ରଣାଳୟ ଏହି ସମସ୍ୟାର ସମାଧାନ ନେଇ ଚିନ୍ତା କରୁଛି ।

## ବିଲାୱାଲ ମାନିଲେ, ପାକିସ୍ତାନ ହେଉଛି 'ଆତଙ୍କୀସ୍ତାନ'

ନୂଆଦିଲ୍ଲୀ : ବାଉଳା ନା ଭୟରେ ବିଳିବିଳିଉଛନ୍ତି ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପିପିପି ଦଳର ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ । ନିଜେ ଜାଣିପାରୁନାହାନ୍ତି କଣ କହୁଛନ୍ତି । ପହଲଗାମ ଆକ୍ରମଣରେ ଭୁଟ୍ଟୋ ଭାରତ ଉପରେ ମନ୍ତବ୍ୟ ଦେଉଛନ୍ତି,କାଲି କହିଥିଲେ ଭାରତ ଆତଙ୍କବାଦୀରେ ପାକିସ୍ତାନର ହାତ ଅଛି ବୋଲି ପ୍ରମାଣ ଦେଉ ଆଉ ଆଜି କହିଛନ୍ତି ପାକିସ୍ତାନରେ ଆତଙ୍କବାଦ ରହିଥିଲା । ପାକିସ୍ତାନ ପିପୁଲ୍ସ ପାର୍ଟି ପିପିପି ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ ଭାରତ ସରକାରଙ୍କୁ ବଡ଼ ଦାବି କରିଛନ୍ତି । ଭୁଟ୍ଟୋ କହିଛନ୍ତି, ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଯଦି ପାକିସ୍ତାନର ସମ୍ପୃକ୍ତି ଥାଏ, ତେବେ ଭାରତ ଏହାର ପ୍ରମାଣ ଦେଖାଇବା ଉଚିତ । ବିଲାୱାଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଭାରତ ଯଦି ପାକିସ୍ତାନକୁ ଏହି ଆକ୍ରମଣ ପାଇଁ ଦାୟୀ ମାନୁଛି, ତେବେ ସେମାନେ ନିରପେକ୍ଷ ପ୍ରମାଣ ଉପସ୍ଥାପନ କରନ୍ତୁ । ଆମେ ଏକ ନିରପେକ୍ଷ ତଦନ୍ତ ପାଇଁ ପ୍ରସ୍ତୁତ। ଭୁଟ୍ଟୋ ଆହୁରି କହିଛନ୍ତି, ଭାରତର ଏକପାଖିଆ ଅଭିଯୋଗ ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇବ। ଅନ୍ୟପଟେ ସତ ମାନିଛି ପାକିସ୍ତାନ, ଆତଙ୍କୀଙ୍କୁ ପାଳୁଥିଲା ପାକିସ୍ତାନ । ଆଉ ଏହି ସତ ବାହାରିଛି ପିପିପି ମୁଖ୍ୟ ବିଲାୱାଲଙ୍କ ମୁହଁରୁ । ଭାରତର କଡ଼ା ଆଭିମୁଖ୍ୟ ପରେ ପାକିସ୍ତାନର ଜଣକ ପରେ ଜଣେ ନେତା ସତ ଉଗାରିବା ଆରମ୍ଭ କରିଦେଇଛନ୍ତି । ପ୍ରତିରକ୍ଷାମନ୍ତ୍ରୀଙ୍କ ପରେ ଏବେ ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ସ୍ୱୀକାର କରିଛନ୍ତି , ଦେଶର ଇତିହାସ ଆତଙ୍କବାଦରେ ଭରା । ସ୍କାଏ ନ୍ୟୁଜକୁ ଦେଇଥିବା ସାକ୍ଷାତକାରରେ ଭୁଟ୍ଟୋ କହିଛନ୍ତି, କଟ୍ଟରପନ୍ଥୀଙ୍କ ଯୋଗୁଁ ପାକିସ୍ତାନର କ୍ଷତି ହୋଇଛି, କିନ୍ତୁ ସୁଧାର କରାଯାଇଛି। ପାକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ତଥା ପାକିସ୍ତାନ ପିପୁଲ୍ସ ପାର୍ଟିର ମୁଖ୍ୟ ବିଲାୱାଲ ଭୁଟ୍ଟୋ ନିକଟରେ ପାକିସ୍ତାନର ଆତଙ୍କବାଦୀ ସଂଗଠନ ସହ ସଂପର୍କକୁ ସ୍ୱୀକାର କରିଛନ୍ତି । ସ୍କାଏ ନ୍ୟୁଜ୍ ସହ ଏକ ସାକ୍ଷାତକାରରେ ଭୁଟ୍ଟୋ କହିଛନ୍ତି, ପାକିସ୍ତାନର ଅତୀତ କେହି ଲୁଚାଇ ପାରିବେ ନାହିଁ। ପାକିସ୍ତାନ ଅତୀତରେ ଆତଙ୍କବାଦ ସହ ସହ ଜଡ଼ିତ ଥିଲା, କିନ୍ତୁ ଏହାର କ୍ଷତି ମଧ୍ୟ ପାଇଛି ପାକିସ୍ତାନ । ଏହି ବୟାନ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖାୱାଜା ଆସିଫଙ୍କ ମନ୍ତବ୍ୟ ପରେ ଆସିଛି, ଯେଉଁଥିରେ ସେ ଦେଶର ଆତଙ୍କବାଦୀ ଗୋଷ୍ଠୀଙ୍କୁ ସମର୍ଥନ, ତାଲିମ ଓ ଅର୍ଥଯୋଗାଣ କରିବାର ଇତିହାସକୁ "ଡାର୍ଟି ୱର୍କ' ବୋଲି ବର୍ଣ୍ଣନା କରିଥିଲେ । ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ, ଯାହା ପାକିସ୍ତାନ ସହ ଜଡ଼ିତ ଗୋଷ୍ଠୀ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ', ଲସ୍କର-ଏ-ତୋଇବାର ଏକ ସଂଗଠନ ଦ୍ୱାରା କରାଯାଇଥିଲା, ଏହା ପରେ ଭାରତ ସହ ଉତ୍ତେଜନା ବୃଦ୍ଧି ପାଇଛି । କୁହାଯାଉଛି ପାକିସ୍ତାନ ସେନା ଓ ଆଇଏସଆଇ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଆଶ୍ରୟ ଦେବାକୁ ନୀତି ଭାବେ ଗ୍ରହଣ କରିଛି । ଭୁଟ୍ଟୋଙ୍କ ମା' ବେନଜୀର ଭୁଟ୍ଟୋଙ୍କୁ ୨୦୦୭ରେ ଦେଶୀରେ ଆତଙ୍କବାଦୀମାନେ ହତ୍ୟା କରିଥିଲେ, ଆଉ ଏତେ ବର୍ଷପରେ ବିଲାୱଲଙ୍କ ପାଟିରୁ ସତ ବାହାରିଛି ।

# ଯୁଦ୍ଧ ଭୟରେ ଥରହର ପାକ



ନୂଆଦିଲ୍ଲୀ : ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶରେ ଅସନ୍ତୋଷ ଦେଖିବାକୁ ମିଳିଛି । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି। ସମଗ୍ର ଦେଶ ଏକମତ ଭାବରେ ଭାରତ ସରକାରଙ୍କୁ ଅନୁରୋଧ କରୁଛି ଯେ ଏବେ ପାକ୍ ଅଧିକୃତ କାଶ୍ମୀରକୁ ଭାରତକୁ ଫେରାଇ ଆଣିବାର ସମୟ ଆସିଛି । ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା କଠୋର ନିଷ୍ପତ୍ତିକୁ ଦେଖି ପାକିସ୍ତାନ ଭୟଭୀତ ରହିଛି । ପ୍ରଥମେ ଭାରତ ପାଣି ,ଆକାଶ ଆଉ ଏବେ ଡିଜିଟାଲ ଷ୍ଟ୍ରାଇକ କରିଛି । ଯାହାକୁ ନେଇ ପାକିସ୍ତାନର ନିଦ ହଜି ଯାଇଛି । ଏହି ସମୟରେ କାଶ୍ମୀରରେ ସ୍ଥାନୀୟ ପ୍ରଶାସନ ସୀମା ନିକଟରେ ରହୁଥିବା ଲୋକମାନଙ୍କୁ ଦୁଇ ମାସ ପାଇଁ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ଅପିଲ୍ କରିଛି । ପିଓକେ ପ୍ରଧାନମନ୍ତ୍ରୀ ଚୌଧୁରୀ ଅନୱରୁଲ ହକ୍ ବିଧାନସଭାରେ କହିଛନ୍ତି ଯେ ୧୩ଟି ନିର୍ବାଚନମଣ୍ଡଳୀରେ ଦୁଇ ମାସ ପାଇଁ ଖାଦ୍ୟ ସାମଗ୍ରୀ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ୧୩ଟି ନିର୍ବାଚନମଣ୍ଡଳୀରେ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ସମସ୍ତ ମୌଳିକ ଆବଶ୍ୟକତା ଯୋଗାଇବା ପାଇଁ ୧ ବିଲିୟନ ଟଙ୍କାର ଏକ ଜରୁରୀକାଳୀନ ପାଣ୍ଠି ମଧ୍ୟ ସୃଷ୍ଟି କରାଯାଇଛି । ସେ କହିଛନ୍ତି ଯେ ନିୟନ୍ତ୍ରଣ ରେଖା ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ସରକାରୀ ଏବଂ ବେସରକାରୀ ଯନ୍ତ୍ରପାତି ମଧ୍ୟ ନିୟୋଜିତ କରାଯାଉଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ସମ୍ପ୍ରତି କହିଛନ୍ତି ଯେ ତାଙ୍କ ପାଖରେ ବିଶ୍ୱସ୍ତ ପ୍ରମାଣ ଅଛି ଯେ ଭାରତ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି । ଏହି ଭୟ ଯୋଗୁଁ, ପିଓକେରେ ପାକିସ୍ତାନ କର୍ତ୍ତୃପକ୍ଷ ଗତକାଲି ଗୁରୁବାର ୧୦ ଦିନ ପାଇଁ ୧୦୦୦ ରୁ ଅଧିକ ଧାର୍ମିକ ବିଦ୍ୟାଳୟ ବନ୍ଦ କରିଦେଇଛନ୍ତି । ୨୨ ଏପ୍ରିଲ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ । ଏହି ଆକ୍ରମଣ ପରେ, ଭାରତ ଆତଙ୍କବାଦୀମାନଙ୍କୁ ଏବଂ ସେମାନଙ୍କ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବାକୁ ପ୍ରତିଜ୍ଞା କରିଛି ।ଯୁଦ୍ଧ ଭୟରେ ଥରହର ପାକ

ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶରେ ଅସନ୍ତୋଷ ଦେଖିବାକୁ ମିଳିଛି । ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ପାକିସ୍ତାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଛନ୍ତି । ସମଗ୍ର ଦେଶ ଏକମତ ଭାବରେ ଭାରତ ସରକାରଙ୍କୁ ଅନୁରୋଧ କରୁଛି ଯେ ଏବେ ପାକ୍ ଅଧିକୃତ କାଶ୍ମୀରକୁ ଭାରତକୁ ଫେରାଇ ଆଣିବାର ସମୟ ଆସିଛି । ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା କଠୋର ନିଷ୍ପତ୍ତିକୁ ଦେଖି ପାକିସ୍ତାନ ଭୟଭୀତ ରହିଛି । ପ୍ରଥମେ ଭାରତ ପାଣି ,ଆକାଶ ଆଉ ଏବେ ଡିଜିଟାଲ ଷ୍ଟ୍ରାଇକ କରିଛି । ଯାହାକୁ ନେଇ ପାକିସ୍ତାନର ନିଦ ହଜି ଯାଇଛି । ଏହି ସମୟରେ କାଶ୍ମୀରରେ ସ୍ଥାନୀୟ ପ୍ରଶାସନ ସୀମା ନିକଟରେ ରହୁଥିବା ଲୋକମାନଙ୍କୁ ଦୁଇ ମାସ ପାଇଁ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ଅପିଲ୍ କରିଛି । ପିଓକେ ପ୍ରଧାନମନ୍ତ୍ରୀ ଚୌଧୁରୀ ଅନୱରୁଲ ହକ୍ ବିଧାନସଭାରେ କହିଛନ୍ତି ଯେ ୧୩ଟି ନିର୍ବାଚନମଣ୍ଡଳୀରେ ଦୁଇ ମାସ ପାଇଁ ଖାଦ୍ୟ ସାମଗ୍ରୀ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି ।

ଏହି ୧୩ଟି ନିର୍ବାଚନମଣ୍ଡଳୀରେ ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ସମସ୍ତ ମୌଳିକ ଆବଶ୍ୟକତା ଯୋଗାଇବା ପାଇଁ ୧ ବିଲିୟନ ଟଙ୍କାର ଏକ ଜରୁରୀକାଳୀନ ପାଣ୍ଠି ମଧ୍ୟ ସୃଷ୍ଟି କରାଯାଇଛି । ସେ କହିଛନ୍ତି ଯେ ନିୟନ୍ତ୍ରଣ ରେଖା ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ସରକାରୀ ଏବଂ ବେସରକାରୀ ଯନ୍ତ୍ରପାତି ମଧ୍ୟ ନିୟୋଜିତ କରାଯାଉଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ସମ୍ପ୍ରତି କହିଛନ୍ତି ଯେ ତାଙ୍କ ପାଖରେ ବିଶ୍ୱସ୍ତ ପ୍ରମାଣ ଅଛି ଯେ ଭାରତ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି । ଏହି ଭୟ ଯୋଗୁଁ, ପିଓକେରେ ପାକିସ୍ତାନ କର୍ତ୍ତୃପକ୍ଷ ଗତକାଲି ଗୁରୁବାର ୧୦ ଦିନ ପାଇଁ ୧୦୦୦ ରୁ ଅଧିକ ଧାର୍ମିକ ବିଦ୍ୟାଳୟ ବନ୍ଦ କରିଦେଇଛନ୍ତି । ୨୨ ଏପ୍ରିଲ ୨୦୨୫ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ । ଏହି ଆକ୍ରମଣ ପରେ, ଭାରତ ଆତଙ୍କବାଦୀମାନଙ୍କୁ ଏବଂ ସେମାନଙ୍କ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିବାକୁ ପ୍ରତିଜ୍ଞା କରିଛି ।

## ପାକ ପ୍ରଧାନମନ୍ତ୍ରୀଙ୍କ ୟୁଟ୍ୟୁବ୍ ଚ୍ୟାନେଲ ବ୍ୟାନ୍ କଲା ଭାରତ



ନୂଆଦିଲ୍ଲୀ : ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଦେଖାଯାଉଛି । ଏହି ସମୟରେ ଭାରତ ପାକିସ୍ତାନ ଉପରେ ବିଭିନ୍ନ ପ୍ରକାର ଆକ୍ସନ ନେଉଛି । ବର୍ତମାନ କେନ୍ଦ୍ର ସରକାର ଭାରତରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସରକାରୀ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟାନ କରିଦେଇଛନ୍ତି । ଭାରତ ସରକାର ଭାରତରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ, ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀ, ମରିୟମ ନୱାଜ, ବିଲାୱାଲ ଭୁଟ୍ଟୋଙ୍କ ସମେତ ଅନେକ ପାକିସ୍ତାନୀ ନେତା ଏବଂ ମନ୍ତ୍ରୀଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ମଧ୍ୟ ବ୍ୟାନ କରିଛନ୍ତି । ଏହି ନିଷ୍ପତ୍ତିରେ ଭାରତ ସରକାର ୧୬ଟି ପ୍ରମୁଖ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟାନ କରିଦେଇଛନ୍ତି । ଏହି ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକ ଭାରତୀୟ ସେନା ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକ ବିରୁଦ୍ଧରେ ଉତ୍ତେଜନାପୂର୍ଣ୍ଣ ଏବଂ ସାମ୍ପ୍ରଦାୟିକ ସମ୍ବେଦନଶୀଳ ବିଷୟବସ୍ତୁ ସହିତ ମିଥ୍ୟା ଭିଡିଓ ଲୋକଙ୍କୁ ଦେଖାଉଥିଲେ । ଏହା ପୂର୍ବରୁ ଭାରତ ସରକାର ଅନେକ କ୍ରିକେଟରଙ୍କ ସମେତ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଉପରେ ଡିଜିଟାଲ ଷ୍ଟ୍ରାଇକ୍ କରିଥିଲେ । ଭାରତ ଆଜି ( ମେ ୨, ୨୦୨୫) ଭାରତରେ ବାବର ଆଜମ, ମହମ୍ମଦ ଆମିର, ନସିମ ଶାହ, ଶାହିନ ଆଫ୍ରିଦି, ମହମ୍ମଦ ରିଜୱାନ, ହାରିସ ରୌଫ ଏବଂ ଇମାମ ଉଲ ହକଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟଗୁଡ଼ିକୁ ବ୍ଲକ୍ କରିଛି । ଭାରତ ଦ୍ୱାରା ବ୍ୟାନ କରାଯାଇଥିବା ପ୍ଲାଟଫର୍ମଗୁଡ଼ିକ ମଧ୍ୟରେ ପ୍ରମୁଖ ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ ଡନ୍, ସମା ଟିଭି, ଏଆରୱାଇ ନ୍ୟୁଜ୍, ବୋଲ୍ ନ୍ୟୁଜ୍, ରଫତାର, ଜିଓ ନ୍ୟୁଜ୍ ଏବଂ ସୁନୋ ନ୍ୟୁଜ୍ ର ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକ ରହିଥିଲା । ଏହା ବ୍ୟତୀତ ସାମ୍ବାଦିକ ଇରଶାଦ ଭଟ୍ଟି, ଆସମା ଶିରାଜି, ଉମର ଚିମା ଏବଂ ମୁନିବ ଫାରୁକଙ୍କ ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକୁ ମଧ୍ୟ ବ୍ୟାନ କରାଯାଇଛି । ଏଗୁଡ଼ିକ ବ୍ୟତୀତ ଦି ପାକିସ୍ତାନ ରେଫରେନ୍ସ, ସାମା ସ୍ପୋର୍ଟସ୍, ଉଜେର କ୍ରିକେଟ୍ ଏବଂ ରାଜି ନାମା ଭଳି ୟୁଟ୍ୟୁବ୍ ହ୍ୟାଣ୍ଡେଲଗୁଡ଼ିକୁ ମଧ୍ୟ ବ୍ୟାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପହଲଗାମ ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ ଲୋକଙ୍କୁ କଠୋର ଦଣ୍ଡ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସେ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକମାନଙ୍କୁ ଏପରି ଦଣ୍ଡ ଦେବା ବିଷୟରେ କହିଥିଲେ ଯାହା କଳ୍ପନା ବାହାରେ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଆତଙ୍କବାଦୀଙ୍କୁ ବାଛି ବାଛି ହତ୍ୟା କରିବା ବିଷୟରେ କହିଛନ୍ତି ।

## ଜମ୍ମୁ କଶ୍ମୀରରେ ବର୍ଷା ପରେ ଭୂସ୍ଖଳନ: ଜନଜୀବନ ଅସ୍ତବ୍ୟସ୍ତ



ନୂଆଦିଲ୍ଲୀ : ଜମ୍ମୁ କଶ୍ମୀର ରାମବନ ଜିଲ୍ଲାରେ ବାଦଲଫଟା ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଛି । ବାଦଲଫଟା ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଦେଖାଯାଇଛି । ସେହିପରି ଜାତୀୟ ରାଜପଥ ୪୪ ନିକଟରେ ଭୂସ୍ଖଳନ ହୋଇଛି । ଜାତୀୟ ରାଜପଥକୁ ଯାତାୟତ ପାଇଁ ବନ୍ଦ କରିଦିଆଯାଇଛି । ତେବେ କୌଣସି ଜନହାନୀ ବିଷୟରେ ଖବର ମିଳିନାହିଁ । ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ରାମବନ ଜିଲ୍ଲାର ଚମ୍ବା ସରୀ ଅଞ୍ଚଳରେ ଭୂସ୍ଖଳନ ଆଜି ଅପରାହ୍ନରେ ହୋଇଛି । ଫଳରେ ଜମ୍ମୁ ଶ୍ରୀନଗର ଜାତୀୟ ରାଜପଥ ୪୪କୁ ଦୁଇପଟରୁ ଯାତାୟାତ ପାଇଁ ବନ୍ଦ କରିଦିଆଯାଇଛି । ହଠାତ୍ ଭୂସ୍ଖଳନ ଯୋଗୁଁ ଗାଡ଼ି ଯିବା ଆସିବା ବନ୍ଦ ରହିଛି । ରାସ୍ତା ସଫା କାମ ଚାଲିଛି । ସ୍ଥାନୀୟ ପାଣିପାଗ ବିଭାଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଡାଲ୍ ହ୍ରଦ ନିକଟ ଅଞ୍ଚଳରେ ଜୋରରେ ପବନ ହେବା ସହିତ ବର୍ଷା ହେବାର ସମ୍ଭାବନା ରହିଛି । ତେଣୁ ଚେତାବନୀ ଜାରି କରାଯାଇଛି । ଡାଲ ହ୍ରଦ, ବୁଲର ହ୍ରଦ ଏବଂ ଅନ୍ୟ ହ୍ରଦରେ ନୌବିହାର କରିବାକୁ ବାରଣ କରାଯାଇଛି । ଝଡ ତୋଫାନ ଏବଂ ବର୍ଷା ଆଲର୍ଟ ଦିଆଯାଇଛି । ତେବେ ଜମ୍ମୁ କଶ୍ମୀରରେ ଲଗାତାର ବର୍ଷା ଯୋଗୁଁ ଚେନାବ ନଦୀର ଜଳସ୍ତର ବଢିଛି । ପୂର୍ବରୁ ୨୦ ଏପ୍ରିଲରେ ରାମବାନ ଜିଲ୍ଲାରେ ବାଦଲଫଟା ବର୍ଷା ହୋଇଥିଲା । ବାଦଲଫଟା ବର୍ଷା ଯୋଗୁଁ ବନ୍ୟା ସ୍ଥିତି ଉପୁଜିଥିଲା । ଫଳରେ ୩ ଜଣଙ୍କର ଜୀବନ ଚାଲିଯାଇଥିବା ବେଳେ ୧୦୦ରୁ ଅଧିକଙ୍କୁ ଉଦ୍ଧାର କରାଯାଇଥିଲା । ଅନେକ ଘର, ଦୋକାନ ଏବଂ ଗାଡି ସବୁ କ୍ଷତିଗ୍ରସ୍ତ ହୋଇଥିଲା ।

## ହିମାଚଳର ବିଭିନ୍ନ ସ୍ଥାନକୁ ବୋମାରେ ଉଡ଼ାଇବାକୁ ଧମକ



ନୂଆଦିଲ୍ଲୀ : ହିମାଚଳ ପ୍ରଦେଶ କୁଲ୍ଲୁ ଜିଲ୍ଲାରେ ବୋମା ଧମକ । ବୋମା ଧମକ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ନିକଟ କିଛିଦିନ ଭିତରେ ୪ ଥର ବୋମା ଧମକ ମିଳିସାରିଲାଣି । ଏହାପୂର୍ବରୁ ମଣ୍ଡି, ହମିରପୁର ଏବଂ ଚମ୍ବା ଜିଲ୍ଲାକୁ ଏଭଳି ବୋମା ଧମକ ମିଳିସାରିଛି । ଇମେଲ ଜରିଆରେ ବୋମା ଧମକ ମିଳିଛି । ଯାହାକୁ ସୁରକ୍ଷା ଏଜେନ୍ସୀ ଗମ୍ଭୀରତାର ସହିତ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । କୁଲ୍ଲୁ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଘଟଣା ସ୍ଥଳରେ ବୋମା ନିଷ୍କ୍ରିୟ ଟିମ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି । ପୋଲିସ ଏବଂ ଗୁଇନ୍ଦା ଏଜେନ୍ସୀ ଏହି ଧମକପୂର୍ଣ୍ଣ ଇମେଲର ସତ୍ୟତା ଜାଣିବାକୁ ଯାଞ୍ଚ କରୁଛି । କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସୀର ସହାୟତା ତଦନ୍ତ କରାଯାଉଛି । ସରକାର ଲୋକଙ୍କୁ ସତର୍କ ରହିବା ସହିତ କୌଣସି ସନ୍ଦିଗ୍ଧ ଗତିବିଧି ଉପରେ ତୁରନ୍ତ ସୂଚନା ଦେବାକୁ ଅପିଲ କରିଛନ୍ତି । ପ୍ରଶାସନ ଲଗାତାର ସ୍ଥିତି ଉପରେ ନଜର ରଖିଛି । ସୂଚନାଯୋଗ୍ୟ, ନିକଟରେ ଦିଲ୍ଲୀ-ଏନସିଆରରେ ୨୦୦ରୁ ଅଧିକ ସ୍କୁଲ ଏବଂ ଏୟାରପୋର୍ଟକୁ ବୋମା ଧମକ ମିଳିଥିଲା । ଯାହା ପରେ ଗୁଜବ ବୋଲି ଯାଞ୍ଚରୁ ଜଣାପଡିଥିଲା । ଏବେ ହିମାଚଳ ପ୍ରଦେଶକୁ ବାରମ୍ବାର ମିଳୁଥିବା ଧମକକୁ ରାଜ୍ୟର ସୁରକ୍ଷା ବ୍ୟବସ୍ଥା ପ୍ରତି ଚ୍ୟାଲେଞ୍ଜ ବୋଲି ଜଣାପଡିଛି ।

# ଜାଗୁଆର, ମିରାଜ, ମିଗ୍‌ର ଶକ୍ତି ପ୍ରଦର୍ଶନ



ନୂଆଦିଲ୍ଲୀ : ମିଳିଲାଣି ସଙ୍କେତ ହେବ କି କିଛି ବଡ କାର୍ଯ୍ୟାନୁଷ୍ଠାନ। ଉଚ୍ଚ ଆକାଶରେ ଲଢୁଆ ବିମାନଙ୍କ ଗର୍ଜନ, ମଝି ସମୁଦ୍ରରେ ଶକ୍ତିଶାଳୀ ଜାହାଜଙ୍କ ଶକ୍ତିପ୍ରଦର୍ଶନ । ପହଲଗାମ ଆତଙ୍କୀ ଆକ୍ରମଣ ପରେ ପ୍ରତିଶୋଧ ପରାୟଣ ଭାରତ ନିଜକୁ ସବୁଆଡୁ ପ୍ରସ୍ତୁତ ରଖିଛି । ଜଳ,ସ୍ଥଳ,ଆକାଶ ଯେଉଁଠି ଆବଶ୍ୟକ ପଡିବ ସେଠୁ ହୋଇପାରେ ଶତ୍ରୁ ଉପରେ ଆକ୍ରମଣ । ଏନେଇ ୩ସେନାକୁ ସରକାର ପୂର୍ଣ୍ଣ କ୍ଷମତା ଦେଇସାରିଛନ୍ତି । ଏହାପରେ ଭାରତୀୟ ସ୍ଥଳ, ବାୟୁ ଓ ନୌସେନାର ଏବେ ପ୍ରସ୍ତୁତି ପଥରେ । ଭାରତୀୟ ବାୟୁସେନା ଉତ୍ତରପ୍ରଦେଶର ଗଙ୍ଗା ଏକ୍ସପ୍ରେସୱେରେ ଶାହଜହାନପୁର ଜିଲ୍ଲାରେ ନିର୍ମାଣାଧୀନ ୩.୫ କିଲୋମିଟର ଲମ୍ବା ଏକ ହୱାଇ ପଟ୍ଟୀରେ ଯୁଦ୍ଧାଭ୍ୟାସ କରି ନିଜକୁ ପ୍ରସ୍ତୁତ ରଖିଛି । ଦେଶର ଏହା ପ୍ରଥମ ଏକ୍ସପ୍ରେସ୍?ୱେ ଯେଉଁଠି ଦିନ ଓ ରାତି ଉଭୟ ସମୟରେ ଯୁଦ୍ଧବିମାନର ଅବତରଣ ଓ ଉଡ଼ାଣ ପାଇଁ ସକ୍ଷମ। ଏହି ଅଭ୍ୟାସରେ ରାଫେଲ, ସୁଖୋଇ-୩୦ ଏମ୍?କେଆଇ, ମିରାଜ୍?-୨୦୦୦, ମିଗ୍?-୨୯, ଜାଗୁଆର ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ଏବଂ ସି-୧୩୦ଜେ ସୁପର ହରକ୍ୟୁଲେସ୍?, ଏଏନ୍?-୩୨ ଓ ଏମ୍?ଆଇ-୧୭ଭି୫ ହେଲିକପ୍ଟର ସାମିଲ ହୋଇଥିଲେ। ଯୁଦ୍ଧ ବିମାନଗୁଡ଼ିକ ମାତ୍ର ଏକ ମିଟର ଉଚ୍ଚତାରେ ନିମ୍ନ ଉଡ଼ାଣ ଅବତରଣ ଓ ଉଡ଼ାଣ ଅଭ୍ୟାସ କରିଥିଲେ । ଗୋଟିଏ ପଟେ ଆରବ ସାଗରରେ ନୌସେନାର ଜୋରଦାର ସମରଭ୍ୟାସ କରିଛି । ଆଇଏନଏସ ବିକ୍ରାନ୍ତ ଆରବ ସାଗରରେ ମୁତୟନ କରାଯାଇଛି । ସେପଟେ ବାୟୁସେନାର ବର୍ଦ୍ଧିଛି ବଳ। ରାଫେଲ ଯୁଦ୍ଧ ବିମାନରେ ଲାଗିବ ଶକ୍ତିଶାଳୀ ବ୍ରହ୍ମୋସ୍ ମିସାଇଲ୍। ଆତଙ୍କୀଙ୍କୁ ଖୋଜି ଖୋଜି ନିପାତ କରିବ ବ୍ରହ୍ମୋସ୍ ମିଜାଇଲ । କୌଣସି ମୁହୂର୍ତ୍ତରେ ଭାରତ ପାକିସ୍ତାନ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମ୍ଭାବନା ରହିଛି । ଯାହା ପାଇଁ ପାକିସ୍ତାନ ଆଖିରୁ ନିଦ ହଜିଛି । ଏହା ଭିତରେ ଭାରତକୁ ଫମ୍ପା ଧମକ ଦେଇଛନ୍ତି ପାକ ସେନା ମୁଖ୍ୟ ଅସୀମ ମୁନୀ । ଭାରତ ସମସ୍ତ କାର୍ଯ୍ୟାନୁଷ୍ଠାନର ପାକିସ୍ତାନ ଦୃଢ ଜବାବ ଦେବ କହିଛନ୍ତି ଅସୀମ । ସେପଟେ ସୈନିକଙ୍କ ମନରେ ଯୋଶ୍? ଭରି ଯୁଦ୍ଧାଭ୍ୟାସ ଆରମ୍ଭ କରିଛି ପାକିସ୍ତାନ ।

# ରାଜସ୍ଥାନକୁ ୧୦୦ ରନରେ ହରାଇଲା ମୁମ୍ବାଇ ଇଣ୍ଡିଆନ୍ସ



ଜୟପୁର, ୨।୫ :ସବାଇ ମାନସିଂହ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସକୁ ଚେକ୍ ଦେଇଛି ମୁମ୍ବାଇ ଇଣ୍ଡିଆନ୍ସ ଶହେ ରନରେ ପରାସ୍ତ ହୋଇଛି ଘରୋଇ ଦଳ । ଏହା ସହିତ ରାଜସ୍ଥାନ ପ୍ଲେ-ଅଫ୍ ଆଶା ମଧ୍ୟ ମଉଳି ଯାଇଛି । ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବ୍ୟାଟିଂ କରି କୋଡିଏ ଓଭରରେ ୨୧୭ ରନ୍‌ର ଟାର୍ଗେଟ୍ ଦେଇଥିଲା । ଏମଆଇ ପକ୍ଷରୁ ରୋହିତ ଶର୍ମା ଓ ରୟନ ରିକଲଟନ୍ ଉଭୟେ ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି । ତେବେ ୨୧୮ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍ସ ୧୬.୧ ଓଭରରେ ମାତ୍ର ୧୧୭ ରନ୍ କରି ଅଲଆଉଟ୍ ହୋଇଛି । ଫଳରେ ମୁମ୍ବାଇ ଇଣ୍ଡିଆନ୍ସକୁ ଶହେ ରନ୍ ବ୍ୟବଧାନରେ ବଡ଼ ବିଜୟ ମିଳିଛି । ଦଳ ପକ୍ଷରୁ ଏହା ଲଗାତାର ଷଷ୍ଠ ବିଜୟ ହୋଇଥିବା ବେଳେ ଏମଆଇ ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିଛି ।

୨୧୮ ରନର ଟାର୍ଗେଟକୁ ପିଛା କରିବାକୁ ଓହ୍ଲାଇ ଥିବା ରାଜସ୍ଥାନର ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ପ୍ରଥମ ଓଭରରେ ବୈଭବ ସୂର୍ଯ୍ୟବଂଶୀଙ୍କ ୱିକେଟ ହରାଇଥିଲା। ଦୀପକ ଚହରଙ୍କୁ ତାଙ୍କୁ ଶିକାର କରିଥିଲେ । ଦ୍ୱିତୀୟ ଓଭରରେ ଟ୍ରେଣ୍ଟ ବୋଲ୍ଟ ଯଶସ୍ବୀ ଜୟସ୍ୱାଲ ୧୩ ରନରେ ଆଉଟ୍ କରିଥିଲେ । ସେହିପରି ନୀତିଶ ରାଣା ୧୧ ବଲରେ ୯ ରନ୍ କରି ଆଉଟ୍ ହୋଇଥିଲେ। ଅଧିନାୟକ ରିୟାନ ପରାଗ ୮ ବଲରେ ୧୬ ରନ୍ କରିଥିଲେ ଏବଂ ଶିମରନ୍ ହେଟମାୟର ଖାତା ନ ଖୋଲି ପେଭିଲିୟନ ଫେରିଥିଲେ। ସେହିପରି ଶୁଭମ ଦୁବେ ୯ ବଲରେ ୧୫ ରନ୍ କରି ଆଉଟ୍ ହୋଇଥିଲେ । ୧୧ ବଲ୍‌ରେ ୧୧ ରନ୍ କରି ଧ୍ରୁବ ଜୁରେଲ୍ ଫେରିଥିଲେ। ମହିଷ ତିକ୍ଷଣ ୯ ବଲ୍‌ରେ ମାତ୍ର ୨ ରନ୍ କରିପାରିଥିଲେ। ତେବେ ଦଳ ପକ୍ଷରୁ ଜୋଫ୍ରା ଆର୍ଚର ୨୭ ବଲ୍‌ରେ ସର୍ବାଧିକ ୩୦ ରନ୍ କରିଥିଲେ । ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ଏବଂ କର୍ଣ୍ଣ ଶର୍ମା ୩ ଲେଖାଏଁ ୱିକେଟ୍ ନେଇଥିଲେ। ଯଶପ୍ରୀତ ବୁମରାଙ୍କୁ ଦୁଇଟି ୱିକେଟ୍ ମିଳିଛି ।

ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨ ୱିକେଟ୍ ହରାଇ ୨୧୭ ରନ୍ କରିଛି। ମୁମ୍ବାଇ ପକ୍ଷରୁ ରିଆନ ରିକଲଟନ ସର୍ବାଧିକ ୬୧ ରନ୍ କରିଥିବା ବେଳେ ରୋହିତ ଶର୍ମା ୩୬ଟି ବଲ୍ ଖେଳି ୫୩ ରନ୍ ସଂଗ୍ରହ କରିଛନ୍ତି । ଉଭୟେ ୧୧୬ ରନର ଭାଗୀଦାରି ପାଳି ଖେଳି ଦଳକୁ ଏକ ମଜଭୂତ ସ୍ଥିତିରେ ପହଞ୍ଚାଇଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ୍ ପାଣ୍ଡ୍ୟା ଦଳକୁ ଫିନିସିଂ ଟଚ୍ ଦେଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସର ଦୁଇ ହାର୍ଡ ହିଟର ମାତ୍ର ୨୩ଟି ଲେଖାଏଁ ବଲ୍ ଖେଳି ୪୮ ରନ୍ ଲେଖାଏଁ ରନ୍ କରିଥିଲେ। ଫଳରେ ଦଳ କୋଡିଏ ଓଭରରେ ୨୧୭ ରନ୍‌ର ବିଶାଳ ସ୍କୋର ଛିଡ଼ା କରିଥିଲା ।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୦୭ | ୦୪ | ୧୪ |
| ଗୁଜରାଟ ଟାଇଟନ୍ସ | ୧୦ | ୦୭ | ୦୩ | ୧୪ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୦୭ | ୦୩ | ୧୪ |
| ପଞ୍ଜାବ କିଙ୍ଗସ୍ | ୧୦ | ୦୬ | ୦୩ | ୧୩ |
| ଦିଲ୍ଲୀ କ୍ୟାପିଟାଲ୍ | ୧୦ | ୦୬ | ୦୪ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୦ | ୦୫ | ୦୫ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୧୦ | ୦୪ | ୦୫ | ୦୯ |
| ରାଜସ୍ଥାନ ରୟାଲ୍ସ | ୧୧ | ୦୩ | ୦୮ | ୦୬ |
| ସନରାଇଜର୍ସ ହାଇଦ୍ରାବାଦ | ୦୯ | ୦୩ | ୦୬ | ୦୬ |
| ଚେନ୍ନାଇ ସୁପର କିଙ୍ଗସ୍ | ୧୦ | ୦୨ | ୦୮ | ୦୪ |

# ତିନିବର୍ଷ ପାଇଁ ବାସନ୍ଦ ହେଲେ ଏସ୍ ଶ୍ରୀସନ୍ଥ

ନୂଆଦିଲ୍ଲୀ, ୨।୯ : ପୂର୍ବତନ ଭାରତୀୟ କ୍ରିକେଟର ଏସ୍ ଶ୍ରୀସନ୍ଥଙ୍କୁ ୩ ବର୍ଷ ପାଇଁ କ୍ରିକେଟ୍ ଆସୋସିଏସନ୍ ବାସନ୍ଦ କରିଛି। ଏହି ମାମଲା ସଞ୍ଜୁ ସାମସନଙ୍କୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳରେ ସାମିଲ ନ କରାଯିବା ସହିତ ଜଡିତ ରହିଛି।

କେରଳ କ୍ରିକେଟ ଆସୋସିଏସନ ପକ୍ଷରୁ ପ୍ରକାଶ, ବିଜୟ ହଜାରେ ଟ୍ରଫି ୨୦୨୪-୨୫ ସିଜିନ୍ ଆରମ୍ଭ ହେବା ପୂର୍ବରୁ ସଞ୍ଜୁ ସାମସନ୍ ଦଳର ଅଭ୍ୟାସ




ଶିବିରରେ ଯୋଗଦେବା ପାଇଁ ମନା କରିଥିଲେ। ଏହାପରେ କେରଳ କ୍ରିକେଟ୍ ଟିମରେ ତାଙ୍କୁ ସାମିଲ କରାଯାଇ ନଥିଲା। ଯେଉଁ କାରଣରୁ ତାଙ୍କର ଚାମ୍ପିୟନ୍ସ ଟ୍ରଫି ଟିମରେ ସାମିଲ ହେବାର ସମ୍ଭାବନା କମିଯାଇଥିଲା।

୨୦୨୫ ଚାମ୍ପିୟନ୍ସ ଟ୍ରଫି ଟିମରେ ସଞ୍ଜୁ ସାମସନ୍ ଭାରତୀୟ ଦଳରୁ ବାହାରେ ରହିବା ନେଇ ଏସ୍ ଶ୍ରୀସନ୍ଥ କେସିଏକୁ (କେରଳ କ୍ରିକେଟ୍ ଆସୋସିଏସନ୍) ଦାୟୀ କରିଥିଲେ। ଏହାପରେ କେସିଏ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଏହାସହ କାହିଁକି ଏସ୍ ଶ୍ରୀସନ୍ଥ ଏଭଳି ଅପମାନଜନକ ମନ୍ତବ୍ୟ ଦେଲେ ତାର ଉତ୍ତର ଦାବି କରିଥିଲା। କେସିଏ ହେଲେ କାରଣ ଦର୍ଶାଅ ନୋଟିସ୍ ପରେ ମଧ୍ୟ ଶ୍ରୀସନ୍ଥ ପଛକୁ ହଟି ନଥିଲେ। ଶ୍ରୀସନ୍ଥଙ୍କ କହିବାନୁସାରେ, କେସିଏ ଅଲଗା ରାଜ୍ୟରୁ ଖେଳାଳି ଆଣି ଖେଳାଉଛନ୍ତି। ଯାହାକି ମାଲାୟାଲୀ କ୍ରିକେଟରଙ୍କ ପାଇଁ ଅପମାନର କଥା।

## ମହିଳା ଟି୨୦ ବିଶ୍ୱକପ

# ଲର୍ଡ୍ସରେ ଖେଳାଯିବ ଫାଇନାଲ ମ୍ୟାଚ୍

ଦୁବାଇ, ୨।୫(ଏଜେନ୍ସି): ଲଡର୍‌ସ କ୍ରିକେଟ ଗ୍ରାଉଣ୍ଡରେ ବର୍ଦ୍ଧିତ ମହିଳା ଟି୨୦ ବିଶ୍ୱକପ୍ ୨୦୨୬ର ଫାଇନାଲ ଆସନ୍ତାବର୍ଷ ଜୁଲାଇ ୫ରେ ଖେଳାଯିବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଘୋଷଣା କରାଯାଇଛି। ୧୨ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟ ଜୁନ୍ ୧୨ରୁ ଲଡର୍‌ସରେ ଆରମ୍ଭ ହେବ, ଯେଉଁଠାରେକି ପୂର୍ବରୁ ୨୦୧୭ରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା।

ଲଡର୍‌ସ ବ୍ୟତୀତ ଅନ୍ୟ ୬ଟି ଭେନ୍ୟୁ ଯଥା ଓଲ୍ଡ ଟ୍ରାଫୋର୍ଡ, ହେଡିଙ୍ଗଲେ, ଏଜ୍‌ବୋଷ୍ଟନ, ଦୁଇ ଓଭାଲ, ହାମ୍ପଶାୟାର ବାଓଲ ଓ ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡରେ ମ୍ୟାଚଗୁଡ଼ିକ ଖେଳାଯିବ। ଟୁର୍ନାମେଣ୍ଟରେ ଭାଗ ନେଉଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ପରେ ନକ୍‌ଆଉଟ ପର୍ଯ୍ୟାୟ ଖେଳାଯିବ। ପୂର୍ଣ୍ଣାଙ୍ଗ କାର୍ଯ୍ୟସୂଚୀ ପରେ ପ୍ରକାଶ ପାଇବ। ଟୁର୍ନାମେଣ୍ଟରେ ଭାଗନେଉଥିବା ୧୨ଟି ଦଳ ମଧ୍ୟରୁ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସମେତ ୮ଟି ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଅନ୍ୟ ୪ଟି ଦଳ ଆଇସିସି ମହିଳା ଟି୨୦ ବିଶ୍ୱକପ୍ କ୍ୱାଲିଫାୟର ଜରିଆରେ ଯୋଗ୍ୟତା ଅର୍ଜନ କରିବେ।

# ପାକିସ୍ତାନୀ କ୍ରିକେଟରଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ନିଷିଦ୍ଧ କଲା ଭାରତ



ନୂଆଦିଲ୍ଲୀ, ୨।୫: ଭାରତ ସରକାର ପହଲଗାମ ଆକ୍ରମଣ ପରଠାରୁ ପାକିସ୍ତାନ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚାଲିଛି । ଭାରତରେ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟକୁ ସରକାର ନିଷିଦ୍ଧ କରିଛନ୍ତି। ଏହି କ୍ରମରେ ଭାରତରେ ପାକିସ୍ତାନ କ୍ରିକେଟ ଦଳର ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ମଧ୍ୟ ବ୍ୟାନ୍ କରାଯାଇଛି। ଏହି ଖେଳାଳିଙ୍କ ତାଲିକାରେ ବାବର ଆଜମ ଏବଂ ମହମ୍ମଦ ରିଜାନଙ୍କ ନାମ ମଧ୍ୟ ସାମିଲ ଅଛି। ଭାରତ ସରକାରଙ୍କ ଅନୁରୋଧ କ୍ରମେ, ଇନଷ୍ଟାଗ୍ରାମର ମୂଳ କମ୍ପାନି ମେଟା ଭାରତରେ ପାକିସ୍ତାନୀ ଖେଳାଳିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ନିଷିଦ୍ଧ କରିଛି। ଆକାଉଣ୍ଟ ନିଷିଦ୍ଧ ହୋଇଥିବା ପାକିସ୍ତାନୀ ଖେଳାଳିଙ୍କ ଏହି ତାଲିକାରେ ବାବର ଆଜମ, ମହମ୍ମଦ ରିଜାନ, ଶାହିନ ଆଫ୍ରିଦି, ମହମ୍ମଦ ଆମିର, ନସିମ ଶାହ, ହାରିସ ରୌଫ ଏବଂ ଇମାମ ଉଲ ହକଙ୍କ ନାମ ରହିଛି।

ଏହି ନିଷିଦ୍ଧ ପରେ ଭାରତର ଲୋକମାନେ ଇନଷ୍ଟାଗ୍ରାମରେ ଏହି ପାକିସ୍ତାନୀ ଖେଳାଳିଙ୍କ ପୋଷ୍ଟକୁ ଆଉ ଦେଖିପାରିବେ ନାହିଁ। କେବଳ ଏତିକି ନୁହେଁ ଭାରତରେ ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ମଧ୍ୟ ନିଷିଦ୍ଧ ହୋଇଛି। ପାକିସ୍ତାନ ସୁପରଷ୍ଟାର ଅଭିନେତ୍ରୀ ହାନିଆ ଅମିର, ମାହିରା ଖାନ, ସଜଲ ଅଲ୍ଲୀ, ସିଙ୍ଗର ଓ ଅଭିନେତା ଅଲ୍ଲୀ ଜାଫର, ସନମ ସଇଦ, ବିଲାଲ ଆବାସ, ଇକରା ଅଜିଜ, ଆଏଜା ଖାନ, ଇମରାନ ଖାନ, ଇମରାନ ଆବାସ ଆଦିଙ୍କ ଆକାଉଣ୍ଟକୁ ଭାରତରେ ବନ୍ଦ କରି ଦିଆଯାଇଛି।

# ହାର୍ଦ୍ଦିକଙ୍କ ଆଖି ଉପରେ ଲାଗିଛି ୭ ଷ୍ଟିଚ୍

ନୂଆଦିଲ୍ଲୀ, ୨।୫(ଏଜେନସି): ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଗୁରୁତର ଆଘାତ ପାଇଥିଲେ। ତାଙ୍କ ଆଖି ଅଳ୍ପକେ ବଞ୍ଚି ଯାଇଥିଲା। ଆଖି ଉପରେ ଆଘାତ ପରେ, ତାଙ୍କୁ ୭ଟି ଷ୍ଟିଚ ପକାଇବାକୁ ପଡିଲା, ଏହା ସତ୍ତ୍ୱେ ଅଧିନାୟକ ମହାନ ମନୋବଳ ଦେଖାଇଲେ ଏବଂ ପଡ଼ିଆକୁ ଆସି ମ୍ୟାଚରେ ଚମତ୍କାର ଖେଳ ପ୍ରଦର୍ଶନ କଲେ।

ସୂଚନା ଅନୁଯାୟୀ, ହାର୍ଦ୍ଦିକ ଅଭ୍ୟାସ ସମୟରେ ଜଣେ ସ୍ଥାନୀୟ ସ୍ପିନରଙ୍କ ସ୍ୱିପ ସଟ ଖେଳିବାକୁ ଯାଇ ଆହତ ହୋଇଥିଲେ ଏବଂ ବଲଟି ବ୍ୟାଟର ଧାରକୁ ନେଇ ତାଙ୍କ ଆଖିରେ ବାଜିଥିଲା। ଯେଉଁଥିରେ ତାଙ୍କ ଆଖି ଅଳ୍ପକେ ରକ୍ଷା ପାଇଗଲା ଆଘାତ ସତ୍ତ୍ୱେ, ପାଣ୍ଡ୍ୟା ଫିଲ୍ଡକୁ ଓହ୍ଲାଇଥିଲେ ଏବଂ ତାଙ୍କ ଦଳକୁ ଜିତାଇବାରେ ମୂଲ୍ୟବାନ ଭୂମିକା ଗ୍ରହଣ କରିଥିଲେ।

ଯେତେବେଳେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ ପାଇଁ ଆସିଥିଲେ, ତାଙ୍କ ଆଖିରେ ପଟି ବନ୍ଧାଥିଲା ଏବଂ ସେ ଚଷମା ମଧ୍ୟ ପିନ୍ଧିଥିଲେ ତାପରେ ଜଣାପଡିଲା ଯେ ମ୍ୟାଚ ପୂର୍ବରୁ ତାଙ୍କ ଆଖି ଉପରେ ଆଘାତ ଲାଗିଥିଲା ଏବଂ ତାଙ୍କୁ ୭ଟି ସିଲାଇ ଲାଗିଥିଲା, ତଥାପି ସେ ବିଶ୍ରାମ ନେଇ ନଥିଲେ ବରଂ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ପଡ଼ିଆକୁ ଓହ୍ଲାଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଏକ ଧୂଆଁଧାର ଇନିଂସ ଖେଳିଥିଲେ, ସେ ୨୩ ବଲରେ ୧ ଛକା ଏବଂ ୬ ଚୌକା ସହାୟତାରେ ୪୮ ରନ କରିଥିଲେ। ଟାର୍ଗେଟର ପିଛା କରିବା ସମୟରେ, ରାଜସ୍ଥାନ ରୟାଲ୍ସର ସମ୍ପୂର୍ଣ୍ଣ ଦଳ ୧୧୭ ରନରେ ଅଲଆଉଟ ହୋଇଯାଇଥିଲା ଏବଂ ମୁମ୍ବାଇ ଇଣ୍ଡିଆନ୍ସ ୧୦୦ ରନରେ ଏକ ବଡ଼ ବିଜୟ ହାସଲ କରିଥିଲା ଚମତ୍କାର ବ୍ୟାଟିଂ ପରେ, ଅଧିନାୟକ ମଧ୍ୟ ଗୋଟିଏ ୱିକେଟ ନେଇଥିଲେ ସେ ମାତ୍ର ଗୋଟିଏ ଓଭର ବୋଲିଂ କରିଥିଲେ, ଯେଉଁଥିରେ ସେ ଶୁଭମ ଦୁବେଙ୍କୁ ମାତ୍ର ୨ ରନ ଦେଇଥିଲେ, ଯିଏ ଜଣେ ପ୍ରଭାବଶାଳୀ ଖେଳାଳି ଭାବରେ ଆସିଥିଲେ।

# ଟି୨୦ ଲିଗ୍ ଆରମ୍ଭ କରିବ କେନିୟା

ନାଇରୋବି, ୧।୫: କ୍ରିକେଟ କେନିୟା(ସିକେ) ଆସନ୍ତା ସେପ୍ଟେମ୍ବରରେ ନିଜସ୍ୱ ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ଆରମ୍ଭ କରିବ। ଦେଶରେ କ୍ରିକେଟ୍‌କୁ ପୁନର୍ଜୀବିତ କରିବା ଏହି ଲିଗ୍‌ର ଲକ୍ଷ୍ୟ। ଲିଗ୍‌ର ପ୍ରଥମ ସିଜନରେ ୨୫ ଦିନ ଧରି ୬ଟି ଫ୍ରାଞ୍ଚାଇଜ ମୁକାବିଲା କରିବେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌କୁ ୫ଟି ଅନ୍ତର୍ଜାତୀୟ ଖେଳାଳି ରଖିବାକୁ ଅନୁମତି ଦିଆଯାଇଛି ଏହି ଲିଗ୍ ଲାଗି ସିକେ ଏବଂ ଭାରତରେ ପ୍ରତିଷ୍ଠିତ କମ୍ପାନୀ ଏଓଏସ୍ ସ୍ପୋର୍ଟ ଟୁର୍ନାମେଣ୍ଟ ମଧ୍ୟରେ ଚୁକ୍ତି କରାଯାଇଛି। ଏହି ଚୁକ୍ତି ମୁତାବକ, ଏଓଏସ୍ ସ୍ପୋର୍ଟ ଟୁର୍ନାମେଣ୍ଟ ଆଗାମୀ ୫ ବର୍ଷ ମଧ୍ୟରେ ୨ ନିୟୁତ ଆମେରିକୀୟ ଡଲାର ନିବେଶ କରିବ। ଏହା ଖୁବ୍ ବଡ଼ ଓ କୌତୂହଳପୂର୍ଣ୍ଣ ହେବ ଏହା କେନିୟା କ୍ରିକେଟ ଲାଗି ଖୁବ୍ ଲାଭଦାୟକ ସାବ୍ୟସ୍ତ ହେବ କେବଳ ୪ ବିଦେଶୀ ଖେଳାଳିଙ୍କୁ ଦଳରେ ଖେଳିବାକୁ ଅନୁମତି ମିଳିବ ବାକି ସ୍ଥାନୀୟ ଖେଳାଳି ରହିବେ ବୋଲି କେନିୟାର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି କେନିଡି ଓବୁୟା କହିଛନ୍ତି ସେ ଦେଶ ପାଇଁ ୯୦ ଦିନିକିଆ ମ୍ୟାଚ୍ ଖେଳିବା ସହ ସିକେ ବୋର୍ଡର ସଦସ୍ୟ ରହିଛନ୍ତି।

# ବୈଭବଙ୍କ ବୟସକୁ ନେଇ ପରିହାସ ପରେ ଟ୍ରୋଲ ହେଲେ ବିଜେନ୍ଦର ସିଂହ

ନୂଆଦିଲ୍ଲୀ, ୨।୫(ଏଜେନସି): ରାଜସ୍ଥାନ ରୟାଲ୍ସର ଖେଳାଳି ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବୟସ ପାଇଁ ଆରମ୍ଭରୁ ଚର୍ଚ୍ଚା ଓ ସମାଲୋଚନା ଉଭୟର ଶିକାର ହୋଇଛନ୍ତି। ଆଇପିଏଲରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିବା ପରେ ଲୋକମାନେ ବୈଭବଙ୍କ ପ୍ରତିଭାକୁ ଭୂରିଭୂରି ପ୍ରଶଂସା କରୁଛନ୍ତି ।




ବିଜେନ୍ଦର ସିଂହ ବୈଭବଙ୍କ ବୟସ ବିଷୟରେ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଥିଲେ, ଭାଇ ଆଜିକାଲି ବୟସ କମ କରି କ୍ରିକେଟ ଖେଳିବା ଆରମ୍ଭ କରିଛନ୍ତି। ପୋଷ୍ଟରେ ପୂର୍ବତନ ବକ୍ସର ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଉଲ୍ଲେଖ ନଥିଲା। କିନ୍ତୁ ଏହା ସ୍ପଷ୍ଟ ଯେ ସେ ତାଙ୍କ ବିଷୟରେ ହିଁ କହୁଥିଲେ ।

କାରଣ ନିଲାମରେ ରାଜସ୍ଥାନ ରୟାଲ୍ସ ଦ୍ୱାରା ତାଙ୍କୁ କିଣିବା ପରଠାରୁ ବୈଭବ ସୂର୍ଯ୍ୟବଂଶୀଙ୍କ ବୟସ ବିଷୟରେ ପ୍ରଶ୍ନ ଉଠାଯାଉଛି। ବିଜେନ୍ଦର ସିଂହଙ୍କ ଏଭଳି ପୋଷ୍ଟ ପରେ ଲୋକେ ତାଙ୍କୁ ଟ୍ରୋଲ୍ କରିବା ଆରମ୍ଭ କରିଛନ୍ତି। ସୋସିଆଲ ମିଡିଆ। ବ୍ୟବହାରକାରୀ ଟ୍ରୋଲ କରି କହିଛନ୍ତି ବିଜେନ୍ଦ୍ର, ହୁଏତ ଏହି କାରଣରୁ ତୁମେ ସ୍ୱର୍ଣ୍ଣ ପଦକ ଜିତିପାରିଲ ନାହିଁ। ତୁମେ ନିଜ ଅପେକ୍ଷା ଅନ୍ୟମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅ। ତାହା ମଧ୍ୟ ଏକ ଛୋଟ ପିଲା ପ୍ରତି, ଯିଏ କି ତୁମ କ୍ଷେତ୍ରର ହିଁ ନୁହେଁ। ତୁମେ କେବେ ଏହି କ୍ଷେତ୍ରକୁ ଯାଇପାରିବ ବି ନାହିଁ ମୋତେ ତୁମର ଚିନ୍ତାଧାରା ଉପରେ ଦୟା ଆସୁଛି।

# ଅନୁଷ୍କାଙ୍କ ଜନ୍ମଦିନରେ ସ୍ୱତନ୍ତ୍ର ଉପହାର

ମୁମ୍ବାଇ, ୨।୫: ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ୩୭ ବର୍ଷରେ ପାଦ ଥାପିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସ୍ୱାମୀ ତଥା କ୍ରିକେଟର ବିରାଟ କୋହଲି ତାଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦେଇଛନ୍ତି। ବିରାଟ ଅନୁଷ୍କାଙ୍କ ପାଇଁ ଏପରି କିଛି କରିଛନ୍ତି, ଯାହା ପ୍ରକୃତରେ ସମସ୍ତଙ୍କୁ ହସାଇବ। ବିରାଟଙ୍କ ଏହି ଉପହାର କେବଳ ଅନୁଷ୍କାଙ୍କୁ ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପସନ୍ଦ ଆସିବ। ବିଶେଷକରି ଯେଉଁମାନେ କେବେ କାହା ପ୍ରେମରେ ପଡ଼ିଛନ୍ତି ପ୍ରକୃତରେ ବିରାଟ ଅନୁଷ୍କାଙ୍କ ପାଇଁ ଏକ ସ୍ୱତନ୍ତ୍ର ପୋଷ୍ଟ ଲେଖିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଅନୁଷ୍କାଙ୍କ ସହ ଏକ ଫଟୋ ପୋଷ୍ଟ କରି ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଏସ୍‌ଏମ୍‌ଏସ୍ ଲେଖିଛନ୍ତି। . ବିରାଟ ଏହି ପୋଷ୍ଟରେ ଅନୁଷ୍କାଙ୍କ ପାଇଁ ତାଙ୍କର ସମସ୍ତ ଭାବନା ଢାଳି ଦେଇଛନ୍ତି । ରାଟ ଅନୁଷ୍କାଙ୍କୁ ଅନେକ ଉପହାର ଦେଇଥିବେ। କିନ୍ତୁ ଏହି ପୋଷ୍ଟରେ ସେ ଅନୁଷ୍କାଙ୍କ ପାଇଁ ଯେଉଁ କିଛି ଶବ୍ଦ ଲେଖିଛନ୍ତି, ତାହା କୌଣସି ମୂଲ୍ୟବାନ ଉପହାରଠାରୁ କମ୍ ନୁହେଁ। ଅନୁଷ୍କା ଏବଂ ବିରାଟ କୋହଲି ୨୦୧୩ରେ ଏକ ବିଜ୍ଞାପନ ଶୁଟିଂ ସମୟରେ ପରସ୍ପରକୁ ଭେଟିଥିଲେ। ସେମାନେ ଦୁହେଁ ବନ୍ଧୁ ହୋଇଗଲେ ପରେ ସେମାନଙ୍କର ମଧ୍ୟରେ ସମ୍ପର୍କ ବଢ଼ିଲା। ତାପରେ ଏହି ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା ଏହା ପରଠୁ ଅନୁଷ୍କା ତାଙ୍କ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମରେ ପହଞ୍ଚି ଯାଉଥିଲେ। ୨୦୧୭ରେ ବିରାଟ ଏବଂ ଅନୁଷ୍କା ଅଫିସିଆଲ ଭାବେ ସେମାନଙ୍କ ସମ୍ପର୍କକୁ ସ୍ୱୀକାର କରିଥିଲେ ଉଭୟ ୨୧ ଡିସେମ୍ବର ୨୦୧୭ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଉଭୟ ଇଟାଲୀରେ ବିବାହ କରିଥିଲେ। ଯେଉଁଥିରେ କିଛି ଖାସ୍ ଲୋକ ଯୋଗ ଦେଇଥିଲେ।

# ଇଂଲଣ୍ଡ ଗସ୍ତରେ ନେତୃତ୍ୱ ନେଇପାରନ୍ତି ରୋହିତ ଶର୍ମା



ମୁମ୍ବାଇ, ୨।୫(ଏଜେନସି): ରୋହିତ ଶର୍ମା ଇଂଲଣ୍ଡ ବିପକ୍ଷ ଆଗାମୀ ଟେଷ୍ଟ ସିରିଜରେ ଭାରତୀୟ କ୍ରିକେଟ ଦଳର ଅଧିନାୟକ ହେବାକୁ ପ୍ରସ୍ତୁତ ଅଛନ୍ତି। ଟାଇମ୍ସ ଅଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ବିସିସିଆଇ ଏହି ଟୁର ପାଇଁ ପ୍ରାୟ ୩୫ ଜଣ ଖେଳାଳିଙ୍କୁ ଚୟନ କରିଛି ଅଷ୍ଟ୍ରେଲିଆ। ବିପକ୍ଷ ସିରିଜ ହାର ପରେ ରୋହିଟଙ୍କ ଅଧିନାୟକ ପଦ ନେଇ କିଛି ଜଳ୍ପନା ଥିଲା, କିନ୍ତୁ ସେ ଅଧିନାୟକ ଭାବେ ରହିବେ ବୋଲି ଆଶା କରାଯାଉଛି।

ରିପୋର୍ଟରେ ଦାବି କରାଯାଇଛି ଯେ ଚୟନକର୍ତ୍ତାମାନେ ଏକ ସ୍ଥିର ମଧ୍ୟମ କ୍ରମ ବ୍ୟାଟ୍ସମ୍ୟାନ ଖୋଜୁଛନ୍ତି ଯିଏ ନମ୍ବର ୫ କିମ୍ବା ୬ରେ ଖେଳିପାରିବ, ଯେଉଁଥିରେ କରୁଣ ନାୟାର ଏବଂ ଦେବଦତ୍ତ ପଡିକ୍କଲ ଶୀର୍ଷ ଦାବିଦାର ତେବେ, ଶ୍ରେୟସ ଆୟାର ଏବଂ ଅକ୍ଷର ପଟେଲ ବର୍ତ୍ତମାନ ଚୟନକର୍ତ୍ତାଙ୍କ ତାଲିକାରେ ନାହାଁନ୍ତି। ବିସିସିଆଇ ସୂତ୍ରରୁ କୁହାଯାଇଛି, ରୋହିତ ସମ୍ଭବତଃ ଟୁରରେ ଯିବେ। କାରଣ ବୋର୍ଡ ମନେ କରୁଛି ଯେ ଏକ ଦୃଢ଼ ଅଧିନାୟକ ଆବଶ୍ୟକ, ଯେହେତୁ ଏହି ସିରିଜ ଅଷ୍ଟ୍ରେଲିଆ। ଟୁର ପରି କଠିନ ହେବ। ମଧ୍ୟମ କ୍ରମ ନେଇ ଦଳ ପରିଚାଳନା ସରଫରାଜ ଖାନଙ୍କ କ୍ଷମତା ଉପରେ ବହୁତ କମ ଆସ୍ଥା ଦେଖାଇଛି। ନାୟାର ଏବଂ ପାଟିଦାର ଅଭିଜ୍ଞ ରେଡ-ବଲ ଖେଳାଳି ଏବଂ ସେମାନେ ଭଲ ଫର୍ମରେ ଅଛନ୍ତି। ସମ୍ଭବତଃ ସେମାନଙ୍କ ମଧ୍ୟରୁ ଜଣେ ଭାରତ ଏ ଦଳରେ ରହିବେ। ଆୟାରଙ୍କ କ୍ଷେତ୍ରରେ, ଗତ ବର୍ଷ ତାଙ୍କ ଖରାପ ଟେଷ୍ଟ ପ୍ରଦର୍ଶନ ଯୋଗୁଁ ତାଙ୍କୁ ବାଦ ଦିଆଯାଇଥିଲା। ଚୂଡ଼ାନ୍ତ ନିଷ୍ପତ୍ତି ଏପର୍ଯ୍ୟନ୍ତ ନିଆଯାଇନାହିଁ ସାଇ ସୁଦର୍ଶନଙ୍କୁ ମଧ୍ୟ ଏହି ସିରିଜ ପାଇଁ ବ୍ୟାକ-ଅପ ଓପନର ଭାବେ ବିବେଚନା କରାଯାଉଛି। ତେବେ, ଯଦି ସେ ମୁଖ୍ୟ ଦଳରେ ସ୍ଥାନ ପାଇବେ ନାହିଁ, ତେବେ ସେ ନିଶ୍ଚିତ ଭାବେ ଭାରତ ଏ ଦଳରେ ରହିବେ।

ଚୟନ ତାଲିକାରେ ଅନ୍ୟ ଏକ ପ୍ରମୁଖ ନାମ ହେଉଛି ସ୍ପିନର କୁଲଦୀପ ଯାଦବ। ବିଦେଶୀ ଟେଷ୍ଟ ସିରିଜରେ କୁଲଦୀପ ପ୍ରାୟତଃ ଅବହେଳିତ ହୋଇଛନ୍ତି। ତେବେ, ଅଷ୍ଟ୍ରେଲିଆ। ସିରିଜ ମଝିରେ ଆର ଅଶ୍ୱିନଙ୍କ ଅବସର ପରେ, ତାଙ୍କୁ ଭାରତୀୟ କ୍ରିକେଟ ଦଳ ପାଇଁ ଆକ୍ରମଣାତ୍ମକ ସ୍ପିନ ବିକଳ୍ପ ଭାବେ ବିବେଚନା କରାଯାଉଛି।

ପେସ ଆକ୍ରମଣ ନେଇ କହିବାକୁ ଗଲେ, ମହମ୍ମଦ ଶାମୀ ଏବଂ ଜସପ୍ରୀତ ବୁମରାଙ୍କୁ ନିଶ୍ଚିତ ଭାବେ ଅନ୍ତର୍ଭୁକ୍ତ କରାଯିବ, କିନ୍ତୁ ଚୟନକର୍ତ୍ତାମାନେ ମହମ୍ମଦ ସିରାଜଙ୍କ ଅସ୍ଥିର ପ୍ରଦର୍ଶନ ନେଇ ଚିନ୍ତିତ ଅଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ